# ପୁଅ-ବୋହୂଙ୍କ ଆକ୍ରମଣରେ ମାଆ-ବାପା ଗୁରୁତର

ନିମାପଡ଼ା, ୨୮।୬(ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଆମରଙ୍ଗ ଗ୍ରାମର ଏକ ପରିବାରର ପୁଅ ଓ ବୋହୂଙ୍କ ଆକ୍ରମଣରେ ବାପା ଓ ମାଆ ଗୁରୁତର ହୋଇଥିବା ନେଇ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ମାଆ ମନୋରମା ବେହେରା କରିଥିବା ଅଭିଯୋଗ ଅନୁଯାୟୀ ତାଙ୍କର ପୁଅ ପ୍ରଳୟ ବେହେରା ମହାରାଷ୍ଟ୍ରରେ ରହୁଥିବା ବେଳେ ଫେସବୁକରେ ବାସନ୍ତୀ ବେହେରା ନାମକ ଜଣେ ସ୍ତ୍ରୀ ଲୋକ ସହ କଥାବାର୍ତ୍ତା ହୁଅନ୍ତି। ମାତ୍ର ସେ ସ୍ତ୍ରୀ ଲୋକ ତାଙ୍କ ପୁଅକୁ ବାହାହେବ ବୋଲି କହି ବାଧ କରି ତାଙ୍କ ଘରକୁ ଜୁନ ୧୮ ତାରିଖରେ ଆସିଥିଲା। ବାପା-ମାଆ ବାସନ୍ତୀର ଦୁଇଟି ପିଲା ଥିବା ଜାଣିବାକୁ ପାଇ ବିବାହକୁ ବିରୋଧ କରୁଥିଲେ। ଯାହାଫଳରେ ପୁଅ ପ୍ରଳୟ ଓ ବାସନ୍ତୀ ଆମ ବୁଢ଼ାବୁଢ଼ୀଙ୍କୁ ଧକ୍କା ମରାମରି କରିବାସହ ଗାଳିଗୁଲଜ କରିଥିବା ନେଇ ଗତ ୨୭ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ସେମାନେ ଏକ ସପ୍ତାହ ପରେ ଘରୁ ଯିବା ପାଇଁ ଥାନାରେ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ଗୁରୁବାର ରାତି ପ୍ରାୟ ୧୧ଟାରେ ବାସନ୍ତୀ ଓ ପ୍ରଳୟ ବାପା-ମାଆଙ୍କୁ ତୁମେ ଦୁହେଁ ଆମ ବାଟରେ କଣ୍ଟା ହୋଇ ରହିଛ କହି ମାଡ଼ମାରି ଖଣ୍ଡିଆ ଖାବରା କରିଦେବା ସହ ଜୀବନରୁ ମାରିଦେବୁ ବୋଲି ଧମକ ଦେଇଥିଲେ। ମନୋରମା ନିରୁପାୟ ହୋଇ ପରଦିନ ସକାଳେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ନିମାପଡ଼ା ପୁଲିସ ଅଭିଯୋଗ ପାଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ରାଜସ୍ୱ ଅଧିକାରୀଙ୍କ କାର୍ଯ୍ୟ ଉପରେ ପ୍ରଶ୍ନବାଚୀ

# ଗୋଚର ଜାଗା ଜବରଦଖଲରେ ଅସ୍ତରଙ୍ଗ ୧ ନମ୍ବର

ଅସ୍ତରଙ୍ଗ, ୨୮।୬(ସମିସ):

ଗୋଚର ଜାଗା ଜବରଦଖଲରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ୧ ନମ୍ବର ସ୍ଥାନ ଅଧିକାର କରିଛି। ଅନେକ ବର୍ଷ ତଳେ ଅସ୍ତରଙ୍ଗ ବଜାର ଉପରେ ଜବରଦଖଲକାରୀଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ସେହି ସମୟରେ ଅସ୍ତରଙ୍ଗ ତହସିଲଦାର ନିରାକାର ନାୟକ ଏକ ଦୃଢ କାର୍ଯ୍ୟପନ୍ଥା ଅବଲମ୍ବନ କରିଥିଲେ। କିନ୍ତୁ ନିରାକାର ନାୟକଙ୍କ ଅବସର ପରେ ଦୀର୍ଘ ବର୍ଷ ହେବ ଅଧିକାରୀଙ୍କୁ ଭୁଆଁ ବୁଲାଇ ଅନେକ ଜମି ମାଫିଆ ଜବରଦଖଲରେ ଲିପ୍ତ ଅଛନ୍ତି। କିଛି ମାସ ପୂର୍ବରୁ ଜିଉଁନ୍ତି ମୌଜା ଉକୁଳେଇ ସାମିଲ ଗ୍ରାମରେ ଜଣେ ଅଧ୍ୟାପକ ସରକାରୀ ଗୋଚର ଜବରଦଖଲ କରି ଗୃହ ନିର୍ମାଣ କରୁଥିଲେ। କିଛି ଉଦ୍ୟୋଗୀ ଯୁବକ ଅସ୍ତରଙ୍ଗ ତହସିଲରେ ଅଭିଯୋଗ କରିବା ପରେ ସେ ସ୍ଥାନରେ କାର୍ଯ୍ୟ ବନ୍ଦ ହୋଇଛି ସତ କିନ୍ତୁ ଜବରଦଖଲ ଉଚ୍ଛେଦ ହେଇପାରୁନାହିଁ। ଉକ୍ତ ଲୋକକୁ ପାର୍ଥୟ କରି ଅନ୍ୟସରକାରୀ ଜମିରେ ବେଆଇନ ଭାବେ କୋଠାବାଡ଼ି ନିର୍ମାଣ ଦ୍ରୁତ ଗତିରେ ଚାଲିଛି। କୋର୍ଟରେ ବିଭିନ୍ନ ମିଥ୍ୟା ମାମଲା କରି ସରକାରୀ ଜାଗାରେ ଜୋରଜବରଦସ୍ତ ରହିବା ଅସ୍ତରଙ୍ଗ ଅଞ୍ଚଳରେ ବୃଦ୍ଧି ପାଉଛି। ଅସ୍ତରଙ୍ଗ ରାଜସ୍ୱ ଅଧୀନରେ ମାଳଦା ମୌଜାରେ ଆଉ ଏକ ଜବରଦଖଲକୁ ନେଇ ପ୍ରଥମେ ଅସ୍ତରଙ୍ଗ ତହସିଲଦାରଙ୍କୁ ଅଭିଯୋଗ ଓ ପରେ ତହସିଲଦାରଙ୍କ ଶୂନ୍ୟ କାର୍ଯ୍ୟାନୁଷ୍ଠାନ ଉପରେ ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇଛି ଅଭିଯୋଗ। ସୂଚନା ମୁତାବକ ଉକ୍ତ ମୌଜାର ଶିବନାଥ ସାହାଣୀ ତାଙ୍କ ଜମି ନମ୍ବର -୩୧୬/୫୧-ପ୍ଲଟ -୧୩୫୬ ଚାଷ ଜମି ଉପରେ ବେ ଆଇନ ଗୃହ ନିର୍ମାଣ କରିବା ସହିତ ଉକ୍ତ ସ୍ଥାନ ଆଗରେ ଏକ ଗୋଚର କିସମକୁ ଜବରଦଖଲ କରି ଏକ ବେଆଇନ ବ୍ରିଜ ନିର୍ମାଣ କରୁଥିଲେ। ଯାହାକି ଫଳରେ ସମାଜସେବୀ ଅମୀୟ ରଞ୍ଜନ ବାରିକ ୨୪.୧.୨୦୨୪ ରେ ସ୍ଥାନୀୟ ତହସିଲରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଅଭିଯୋଗ ପାଇବା ପରେ ସ୍ଥାନୀୟ ତହସିଲଦାରଙ୍କ କୌଣସି କାର୍ଯ୍ୟାନୁଷ୍ଠାନ ଉକ୍ତ ଜବରଦଖଲ ଉପରେ ନିଆଗଲାନାହି। ପରବର୍ତ୍ତୀ ସମୟରେ ସମାଜସେବୀ ଅମୀୟ ରଞ୍ଜନ ବାରିକ ଏହି ଘଟଣା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ ପଠାଇଛନ୍ତି। ଅସ୍ତରଙ୍ଗ ଅଞ୍ଚଳର ଏକରଏକର ଗୋଚର ଜମି କେବେ ସରକାରୀଖାତାକୁ ଫେରିବ ଦେଖିବାକୁ ବାକି ରହିଲା।

### କୃଷିମିତ୍ର ଓ ପ୍ରାଣୀମିତ୍ର ମହାସଂଘ ପକ୍ଷରୁ ପାରିଶ୍ରମିକ ପ୍ରଦାନ ଦାବି

# ବ୍ଲକ୍ ଅଧ୍ୟକ୍ଷଙ୍କୁ ଦେଲେ ଦାବିପତ୍ର



ସାକ୍ଷୀଗୋପାଳ, ୨୮।୬(ସମିସ): ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକରେ ନିଯୁକ୍ତି ପାଇଥିବା କୃଷିମିତ୍ର ଓ ପ୍ରାଣୀମିତ୍ର ମହାସଂଘ ପକ୍ଷରୁ ସେମାନଙ୍କୁ ତୁରନ୍ତ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରିବା ପାଇଁ ଏକ ଦାବିପତ୍ର ଦେଇଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୦ ମସିହାରେ ପ୍ରତି ପଞ୍ଚାୟତରେ ୫ଜଣ କୃଷିମିତ୍ର ଓ ପ୍ରାଣୀମିତ୍ର ନିଯୁକ୍ତି କରାଯାଇଥିଲା। ସେହି ସମୟରେ ନିଯୁକ୍ତ ପାଇଁ ମଧ୍ୟ ଲିଖିତ ପରୀକ୍ଷା କରାଯାଇଥିଲା। ଯେଉଁମାନେ ପରୀକ୍ଷାରେ ଉତିର୍ଣ୍ଣ ହୋଇଥିଲେ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ନିଯୁକ୍ତି ପାଇବା ପରଠାରୁ କିଛି କିଛି କାମ କରିବା ପରେ ସେମାନଙ୍କୁ ସେମାନଙ୍କ ପାରିଶ୍ରମିକ ପ୍ରଦାନ କରାଗଲାନାହିଁ। ସତ୍ୟବାଦୀ ବ୍ଲକରେ ୧୮ ଟି ପଞ୍ଚାୟତରେ ନିଯୁକ୍ତି ଦିଆଯାଇଥିବା ବେଳେ ବାକି ୬ ଟି ପଞ୍ଚାୟତରେ ନିଯୁକ୍ତି ଦିଆଯାଇ ପାରିନଥିଲା। ପଞ୍ଚାୟତ ନିର୍ବାଚନ ସରିବା ପରେ ନିଯୁକ୍ତି ପ୍ରକିୟା ଆରମ୍ଭ କରାଯାଇଥିଲେ ମଧ୍ୟ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଜାଣି ପାରିଥିଲେ ଯେ ଏମାନଙ୍କୁ ପାରିଶ୍ରମିକ ମିଳିବା ନେଇ ଆଶଙ୍କା କରିଥିଲେ। ତେଣୁ ସେ ବାକି ୬ଟି ପଞ୍ଚାୟତରେ ଏହି ନିଯୁକ୍ତି ଉପରେ ରୋକ ଲଗାଇଥିଲେ। ମାତ୍ର ସେହି ସମୟରେ ମିଶନଶକ୍ତି ଯୋଜନା ଆସିଲା। ସେହି ଅନୁଯାୟୀ ପ୍ରତି ପଞ୍ଚାୟତରେ ଏମବିକେ, ସିଆର ପି ଓ ବ୍ୟାଙ୍କ ମିତ୍ରମାନଙ୍କୁ ନିଯୁକ୍ତି ଦିଆଗଲା। ସେମାନଙ୍କୁ ପାରିଶ୍ରମିକ ମିଳୁଥିବା ବେଳେ ସେମାନଙ୍କ ଆଗରୁ ନିଯୁକ୍ତି ଦିଆଯାଇଥିବା କୃଷିମିତ୍ର ଓ ପ୍ରାଣୀମିତ୍ରଙ୍କୁ ଆଜି ପର୍ଯ୍ୟନ୍ତ ଟଙ୍କାଟିଏ ପାରିଶ୍ରମିକ ମିଳିଲା ନାହିଁ। ଯାହାକି ଉକ୍ତ ମହିଳାମାନଙ୍କ ପରିବାର ବହୁ ଅସୁବିଧାରେ ଗତି କରୁଛନ୍ତି। ସେମାନଙ୍କ ଦାବିକୁ ତୁରନ୍ତ ସରକାର ବିଚାର କରିବାକୁ ବ୍ଲକ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ମିନତି ବରାଳ, ସୁଚିତ୍ରା ନାୟକ, ଶୁଭଲକ୍ଷ୍ମୀ ଜେନା, କୃଷ୍ଣପ୍ରିୟା ଜେନା, ଜୟନ୍ତୀ ସ୍ୱାଇଁ, ପିତିଜିତା ପ୍ରଧାନ, ମିତାଞ୍ଜଳି ପ୍ରଧାନ, ମଞ୍ଜୁଲତା ମହାପାତ୍ର, ବିଷ୍ଣୁପ୍ରିୟା ମିଶ୍ର, ସଙ୍ଗୀତା ପ୍ରଧାନ, ସସ୍ମିତା ମିଶ୍ର, ଜୟନ୍ତୀ ସେନାପତି, ମମତା ଜେନା, ପଞ୍ଚାପରମିତା ମହାନ୍ତି, ଲକ୍ଷ୍ମିପ୍ରିୟା ସ୍ୱାଇଁ, ବିନୋଦିନି ମହାପାତ୍ର, ପ୍ରମିଳା ସ୍ୱାଇଁଙ୍କ ସହିତ ମହାସଂଘର ସଂଯୋଜକ ତଥା ନରେନ୍ଦ୍ର ପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ପ୍ରଶାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

# କୋଣାର୍କରେ ୧୧ଘଣ୍ଟା ବିଦ୍ୟୁତ୍ କାଟ୍ ; ପର୍ଯ୍ୟଟକ ହଟହଟା

କୋଣାର୍କ, ୨୮।୬(ସମିସ): ଗତ କିଛି ଦିନ ହେଲା ପର୍ଯ୍ୟଟନସ୍ଥଳୀ କୋଣାର୍କରେ ଅଘୋଷିତ ବିଦ୍ୟୁତ୍ କାଟ, ଲୋ-ଭୋଲଟେଜ ସମସ୍ୟା ଲାଗି ରହିଛି। କୋଣାର୍କ ଅଞ୍ଚଳର ଜନସାଧାରଣ ଓ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଅଘୋଷିତ ବିଦ୍ୟୁତ୍‌କାଟ ଓ ଲୋଭୋଲଟେଜ ସମସ୍ୟା ଯୋଗୁ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର କୋଣାର୍କରେ ଭୂତଳ ଲାଇନ ବିଭ୍ରାଟ ହେବାରୁ ରାତି ୯ଟାରୁ ୧୧ ଘଣ୍ଟା ଧରି ଅଧେ କୋଣାର୍କ ଅନ୍ଧାରରେ ରହିଥିଲା। କୋଣାର୍କ ଥାନାଛକ, ମେଡିକାଲ ଛକ ରାତି ସାରା ଅନ୍ଧାରରେ ରହିଥିବା ବେଳେ ମାଧିପୁର ଛକର ଜନସାଧାରଣ ରାତି ଦୁଇଟା ପର୍ଯ୍ୟନ୍ତ ଛଟପଟ ହୋଇଥିଲେ। ଅସହ୍ୟ ଗରମ ଓ ଗୁଳୁଗୁଳି ସାଙ୍ଗକୁ ବାରମ୍ବାର ଅଘୋଷିତ ବିଦ୍ୟୁତ୍‌କାଟ ଓ ଲୋ-ଭୋଲଟେଜ ଜନିତ ସମସ୍ୟା ଅଞ୍ଚଳବାସୀଙ୍କୁ ଅଥୟ କଲାଣି। ବିଦ୍ୟୁତ୍ ଦେୟ ଆଦାୟରେ ଟିପିସିଓଡିଏଲ କୋହଳ କରୁନଥିବା ବେଳେ ଉପଭୋକ୍ତାଙ୍କୁ ସେବା ଯୋଗାଇ ଦେବାରେ ବିଫଳ ହେଉଥିବା ଅଭିଯୋଗ ହେଉଛି। ଟିପିସିଓଡିଏଲର ଅଣକୁଶଳୀ, ଅନଭିଜ୍ଞ କର୍ମଚାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ଗୋଟିଏ ମାସରେ ଦୁଇ ଦୁଇ ଥର ଭୂତଳ ଲାଇନ ବିଛିନ୍ନ ହେବାରୁ ଏଭଳି ସମସ୍ୟା ଦେଖାଦେଇଛି। ବିଦ୍ୟୁତ୍ ଉପଭୋକ୍ତାମାନେ ଦୈନିକ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ ସମ୍ପର୍କରେ ସ୍ଥାନୀୟ କାର୍ଯ୍ୟାଳୟ ସହିତ ଯୋଗାଯୋଗ କଲେ ମଧ୍ୟ କୌଣସି ଉତ୍ତର ମିଳୁନାହିଁ। ଏସମ୍ପର୍କରେ ଟିପିସିଓଡିଏଲର କନିଷ୍ଠ ଯନ୍ତ୍ରୀ(ବାଣିଜ୍ୟ) ନିହାରକାନ୍ତ ସାମଲଙ୍କୁ ପଚାରିବାରୁ ସେ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲେ। ଖାଲି ସେତିକି ନୁହେଁ କୋଣାର୍କ ସମେତ ସିମିଳି ପଞ୍ଚାୟତ ଓ ଏହାର ଆଖପାଖ ଅଞ୍ଚଳରେ ଦୈନିକ ଅଘୋଷିତ ବିଦ୍ୟୁତ୍‌କାଟ ହେଉଥିବା ପୂର୍ବତନ କାଉନସିଲର ପ୍ରତାପ ଗୋଛୟତ, ବାନାମ୍ବର ବେହେରା, ବ୍ରଜବନ୍ଧୁ ପାତ୍ର, ଶ୍ରୀଧର ସାହୁ, ଉର୍ମିଳା ଖୁଣ୍ଟିଆ, ନବକିଶୋର ମଲ୍ଲିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଯଦି ବାରମ୍ବାର ବିଦ୍ୟୁତ୍ କାଟ ହୁଏ ତେବେ ଟିପିସିଓଡିଏଲ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଘେରଉ କରାଯିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଭୋଗଶାଳଦା ଉଚ୍ଚ ବିଦ୍ୟାଳୟ

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଚାରିଛକ, ୨୮।୬(ସମିସ): ଚାରିଛକ ନିକଟସ୍ଥ ଭୋଗଶାଳଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଭିରାମ ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସ୍କୁଲ ସାଇଲୋର ସହକାରୀ ଶିକ୍ଷକ ଅଦ୍ୱୈତ ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ନିମାପଡ଼ା ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ମୁଖ୍ୟବକ୍ତା ଭାବେ ପୁରୀଜିଲ୍ଲା ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ହିମାଂଶୁ ଭୂଷଣ ସମରଥ, ସମ୍ମାନିତ ଅତିଥିଭାବେ ଅସ୍ତରଙ୍ଗ ବ୍ଲକର ପୂର୍ବତନ ବିଇଓ ଚିତ୍ତରଞ୍ଜନ ସ୍ୱାଇଁ, ନିମାପଡ଼ା ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସିମାନ୍ତ ଶେଖର ରଥ, ସ୍ଥାନୀୟ ସରପଞ୍ଚ ବିଶ୍ୱନାଥ ସେନାପତି, ସମିତିସଭ୍ୟା ସଭ୍ୟାରାଣୀ ବିଶ୍ୱାଳ, ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଅସ୍ତରଙ୍ଗ ସର୍ବେଶ୍ୱର ମଲ୍ଲିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଅଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ ସ୍ୱପ୍ନେଶ୍ୱର ଲେଙ୍କା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସୁଶାନ୍ତ କୁମାର ମୁଦୁଲି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର କୁମାର ଭୋଇ, ମୋ ସ୍କୁଲ ଅଭିଯାନ ସଭାପତି ରବୀନ୍ଦ୍ର ନାଥ ସେନାପତି, ଏୟୁପିଟିଏଫର ସମ୍ପାଦକ କଲ୍ୟାଣ କୁମାର ସ୍ୱାଇଁ, ଓପିଟିଏ ଉପଦେଷ୍ଟା ମହେନ୍ଦ୍ର କୁମାର ମିଶ୍ର, ଓପିଟିଏ ସମ୍ପାଦକ ନିହାଲ ଅଖ୍ତାର, ରାଜ୍ୟ ଏକ୍ସକ୍ୟାଡର ଶିକ୍ଷକ ସଂଘର ମହାସଚିବ ତ୍ରିଲୋଚନ କର, ଶିକ୍ଷକନେତା ଗଙ୍ଗାଧର ପତି, ସିଆରସିସି ରବୀନ୍ଦ୍ର କୁମାର ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ବୁଦ୍ଧେଶ୍ୱର ରାଉତ, ଶିକ୍ଷକ ଲିଙ୍ଗରାଜ ନାୟକ, କଲ୍ୟାଣ କୁମାର ସାହୁ ପ୍ରମୁଖ ଯୋଗଦେଇ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଅନ୍ତର୍ଯ୍ୟାମୀ ନାୟକ, ଜୟନ୍ତ କୁମାର ବେହେରା, ସସ୍ମିତା ସେନାପତି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଅଭିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ଅସହାୟ ବ୍ୟକ୍ତିଙ୍କ ସାହାରା ସେବକ ସଂଗଠନ

# ୩ ବର୍ଷରେ ୧୫୫୦ ୟୁନିଟ୍ ରକ୍ତଦାନ



ଗୋପ, ୨୮।୬(ସମିସ): ଅସହାୟଙ୍କ ସାହାରା ପାଲଟିଛି ସେବକ ସଂଗଠନ। ବିଭିନ୍ନ ସମୟରେ ଅସହାୟ ରୋଗୀଙ୍କୁ ସହଯୋଗ କରି ଆସୁଥିବା ଏହି ସଂଗଠନ ବିଗତ ୩ ବର୍ଷ ମଧ୍ୟରେ ୧୫୫୦ ୟୁନିଟ୍ ରକ୍ତଦାନ କରି ଚର୍ଚ୍ଚାରେ ରହିଛି। ପୁରୀ, ଭୁବନେଶ୍ୱର, କଟକ ଆଦି ବିଭିନ୍ନ ଡାକ୍ତରଖାନାରେ ପଡ଼ିଥିବା ଓ ରକ୍ତର ଆବଶ୍ୟକତା ଥିବା ଅସହାୟ ରୋଗୀଙ୍କ ନିକଟରେ ସ୍ୱେଚ୍ଛାସେବୀମାନେ ପହଞ୍ଚି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଆସୁଥିବା ବେଳେ ବିଭିନ୍ନ ସମୟରେ ରକ୍ତଦାନ ଶିବିରର ଆୟୋଜନ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରୁଛନ୍ତି।ସୂଚନା ମୁତାବକ, ୨୦୧୭ ମସିହାରେ ବୀରତୁଙ୍ଗ ପଞ୍ଚାୟତରୁ ସଭାପତି ଆଲୋକ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱେଚ୍ଛାସେବୀ ସଂଗଠନ ଗଢ଼ି ଉଠିଥିବା ବେଳେ ଏହା ଗୋପ ବ୍ଲକର ୧୬ଟି ପଞ୍ଚାୟତ ଯଥା ବୀରତୁଙ୍ଗ, ଏରବଙ୍ଗ, ମହଲପଡ଼ା, ଶିମିଳି, ଧୂମାଳୋ, ବେଦପୁର, ବନାଖଣ୍ଡି, କୁରୁଜଙ୍ଗ, ବନ୍ତଳୀଗ୍ରାମ, କୁଆଁପଡ଼ା, ଅଣ୍ଟରାଇଛାପୁର, ପୟରା, ଡ଼ଭାର, ବଣିଆସାହି, ବଡ଼ତରା ଆଦି ପଞ୍ଚାୟତର ୧୧୮ ଜଣ ଯୁବକ ସଦସ୍ୟ ରହିଛନ୍ତି। ବିଶେଷ କରି ଗୋପ ତଥା ଆଖପାଖ ଅଞ୍ଚଳର କୌଣସି ବ୍ୟକ୍ତିଙ୍କର ରକ୍ତ ଆବଶ୍ୟକ ପଡ଼ିବା ମାତ୍ରେ ସେବକ ସଂଗଠନରେ ଖବର ପହଞ୍ଚିବା ପରେ ଏହାକୁ ହ୍ୱାଟ୍ସ ଆପ୍ ଗ୍ରୁପ୍ ମାଧ୍ୟମରେ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଯାଏ। ପରେ ନିର୍ଦ୍ଦିଷ୍ଟ ଗ୍ରୁପ୍‌ର ରକ୍ତଦାତା ସମ୍ପୃକ୍ତ ଡାକ୍ତରଖାନାରେ ପହଞ୍ଚି ରକ୍ତଦାନ କରିଥାନ୍ତି। ନିସ୍ୱାର୍ଥପର ସେବା ଯୋଗାଇବା ଓ ଯୁବ ଗୋଷ୍ଠୀଙ୍କ ମନରେ ସେବା ମନୋବୃତି ସୃଷ୍ଟି କରିବା ସଂଗଠନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବୋଲି ସଭାପତି ଆଲୋକ ଜେନା କହିଛନ୍ତି।

# ୪୪ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ



ନିମାପଡ଼ା, ୨୮।୬(ସମିସ): ପୁରୀଜିଲ୍ଲା ଅବକାରୀ ଅଧିକ୍ଷକ ଜଗଦିଶ ସାମଲଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ନିମାପଡ଼ା ଥାନା ଅନ୍ତର୍ଗତ କୁଶଭଦ୍ରା ନଦୀ ବ୍ରିଜ ନିକଟରୁ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିବା ସହ ତା ନିକଟରୁ ୪୪ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଉକ୍ତ ବ୍ୟବସାୟୀ ଜଣକ କୃପାସିନ୍ଧୁ ଭୋଇ। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪ଲକ୍ଷ ୪୪ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଅଭିଯୁକ୍ତ କୃପାସିନ୍ଧୁକୁ ଗିରଫ କରାଯିବା ସହ କୋର୍ଟ ଚାଲଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ଜିତେନ୍ଦ୍ର କୁମାର ବେହେରା, ତପନ କୁମାର ପ୍ରଧାନ, ସ୍ୱାଗତିକା ଘଡେଇ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ ଥିଲେ।

# ଯୁବକଙ୍କ ହତ୍ୟା ପ୍ରତିବାଦରେ ରାସ୍ତାରୋକ

ଡେଲାଙ୍ଗ, ୨୮।୬(ସମିସ):



ଦିନ ଦ୍ୱିପହରେ ଜଣେ ଯୁବକଙ୍କୁ ହତ୍ୟା କରାଯିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଯୁବକର ଶବକୁ ଡେଲାଙ୍ଗ-ଖୋର୍ଦ୍ଧା ରାସ୍ତାର ଲୁଣା ନଦୀ ସେତୁ ଉପରେ ରଖି ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ଆନ୍ଦୋଳନ କାରିମାନେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ଓ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବା ନେଇ ଦାବି କରିଥିଲେ। ଖବର ପାଇ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ଜିଲ୍ଲା ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପତି, ପିପିଲି ଏସଡିପିଓ ବିରଞ୍ଚି ନାରାୟଣ ପତି, ଡେଲାଙ୍ଗ ଆଇଆଇସି ଦେବାଶିଷ ମହାନ୍ତି ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରି ଜିଦ ଧରି ରାସ୍ତା ଉପରେ ବସି ରହିଥିଲେ। ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ମୃତକଙ୍କ ପତ୍ନିଙ୍କୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଟଙ୍କା, ପରିବାର ପ୍ରତିପୋଷଣ କରିବା ପାଇଁ ମୃତକଙ୍କ ପତ୍ନିଙ୍କୁ ନିଯୁକ୍ତି ଓ ଶବଦାହ କରିବା ପାଇଁ ବିଧାୟକ ୧୦ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତା ଅବରୋଧ ହଟିଥିଲା। ସୂଚନା ଅନୁଯାୟୀ ଗୁରୁବାର ଅପରାହ୍ନ ୧ଟା ବେଳେ ରାମଚନ୍ଦ୍ରପୁର ଗ୍ରାମର ବାବୁ ମଲ୍ଲିକ ଡେଲାଙ୍ଗ ହାଟ ବଜାରରେ କରିଥିବା ନିଜ ସାଇକଲ ଦୋକାନ ବନ୍ଦକରି ଘରକୁ ଫେରୁଥିଲେ। ହାଟବଜାରସ୍ଥିତ ଲୁଣାନଦୀ ସେତୁ ଉପରେ ସେ ମୁର୍ମୁଷ ଅବସ୍ଥାରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡେଲାଙ୍ଗ ଗୋଷ୍ଠିସ୍ୱା।ସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କ ମୁଣ୍ଡ ଓ କାନମୁଣ୍ଡାରୁ ପ୍ରବଳ ରକ୍ତସ୍ରାବ ହୋଇ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ତାଙ୍କର ମୃତ୍ୟୁକାଳିଣ ଜମାନବନ୍ଦି ସାମାଜିକ ଗଣମାଧ୍ୟମରେ ମୋବାଇଲକୁ ମୋବାଇଲ ଭାଇରାଲ ହେବାରେ ଲାଗିଥିଲା। ବିଳମ୍ବିତ ରାତିରେ ସ୍ୱାମୀଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରିୟଙ୍କା ସିଂ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗରେ ପ୍ରିୟଙ୍କାର ବାପା ଓ ଭିଣୋଇ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଷଡଯନ୍ତ୍ର କରିଥିବା ଉଲ୍ଲେଖ ରହିଛି। ତେବେ ପ୍ରିୟଙ୍କା ସବର୍ଣ୍ଣ ଜାତିର ହୋଇଥିବା ବେଳେ ସେ ସେହି ଗ୍ରାମର ଜଣେ ଦଳିତ ଯୁବକକୁ ଭଲପାଇ ବିବାହ କରିଥିବା ବେଳେ ତାଙ୍କର ଗୋଟିଏ ୨ବର୍ଷର ଝିଅଟିଏ ରହିଛି।

### ୨ଅଭିଯୁକ୍ତଙ୍କୁ ଭଦ୍ରକରୁ ଗିରଫ କଲା ପୁଲିସ

ପ୍ରିୟଙ୍କା ଅନ୍ୟ ଜାତିରେ ବିବାହ କରିବା ପର ଠାରୁ ଦୁଇ ପରିବାର ମଧ୍ୟରେ ତିକ୍ତତା ଲାଗି ରହିଥିଲା। ଏହି ରାଗ ରଖି ବାପା ବିରଞ୍ଚି ସିଂ ଙ୍କ ପରୋଚନାରେ ଭଦ୍ରକ ଜିଲ୍ଲା ସମଲେଇପୁର ଅଞ୍ଚଳର ଭିଣୋଇ ଦୀପକ କୁମାର ସିଂ ଓ ତାଙ୍କ ସହଯୋଗୀ ବାବୁଙ୍କୁ ବନ୍ଧୁକରେ ଗୁଳିକରିବା ଓ ଲୁହା ରଡରେ ପିଟି ହତ୍ୟା କରିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଶୁକ୍ରବାର ଭୁବନେଶ୍ୱରରୁ ଶବ ବ୍ୟବଚ୍ଛେଦ ହୋଇ ଘରକୁ ଫେରିବା ରାସ୍ତାର ଲୁଣା ନଦୀ ସେତୁ ନିକଟରେ ରାସ୍ତା ଅବରୋଧ କରାଯାଇଥିଲା। ଦୀର୍ଘ ୩ଘଣ୍ଟା ଧରି ରାସ୍ତା ଅବରୋଧ କରାଯିବାରୁ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି ମଟର ଅଟକି ରହିଥିବାରୁ ଯାତାୟତରେ ସମସ୍ୟା ଉପୁଜିଥିଲା। ଅନ୍ୟପଟେ ଡେଲାଙ୍ଗ ପୁଲିସ ୨ ଜଣ ଅଭିଯୁକ୍ତଙ୍କୁ ଭଦ୍ରକରୁ ଗିରଫ କରିଥିବା ଜଣାପଡ଼ିଛି।

# ନିମାପଡ଼ା-ଚାରିଛକ ମୁଖ୍ୟ ରାସ୍ତା ମରଣଯନ୍ତା



ନିମାପଡ଼ା, ୨୮।୬(ସମିସ): ନିମାପଡ଼ା-ଚାରିଛକ ମୁଖ୍ୟ ରାସ୍ତାର କେତେକ ସ୍ଥାନରେ ଚିକିଟା ମାଟିପଡ଼ି ରାସ୍ତା ପାଲଟିଛି ମରଣଯନ୍ତା। କେତେକ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ଦୈନଦିନ ଶତାଧିକ ଟ୍ରାକ୍ଟର ଯୋଗେ ଓଭର ଲୋଡିଂକରି ରାସ୍ତାରେ ମାଟି ନେଉଥିବା ବେଳେ ଟ୍ରାକ୍ଟରରୁ ରାସ୍ତାସାରା ଚିକିଟା ମାଟି ପଡ଼ି ବର୍ଷାରେ ମାଟି ଓଦା ହୋଇ ଯିବା ଫଳରେ ସେହି ରାସ୍ତାରେ ବିଭିନ୍ନ ଯାନ ବାହନରେ ଯାଉଥିବା ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଗତ ବୁଧବାର ଦିନ ରାତିରେ ଏକ ବୋଲେରୋ ନିମାପଡ଼ାରୁ ଚାରିଛକ ଆସୁଥିବା ସମୟରେ ସାଇଲୋ ଛକ ନିଟକରେ ସେହି ରାସ୍ତାରେ ପଡ଼ିଥିବା ମାଟିରେ ପଶିଯିବା ସମୟରେ ଭାରସାମ୍ୟ ହରାଇ ଏକ ବଡ ଧରଣର ଦୁର୍ଘଟଣାରୁ ବର୍ତି ରାସ୍ତାକଡକୁ ଓଲଡି ପଡ଼ିଥିଲା। ବିଶେଷକରି ଏହି ରାସ୍ତାର ସାଇଲୋ ଛକ ଓ ଅମ୍ପୋର ଛକ ନିକଟରେ ରାସ୍ତା ଉପରେ ଚିକିଟା ମାଟି ପଡ଼ିଥିବାରୁ ସେଠାରେ ଅନେକ ବାଇକ୍ ଆରୋହୀ ପଡ଼ି ଆହତ ହୋଇଥିବା ଜଣାପଡ଼ିଛି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ଗାଡ଼ିରୁ ବ୍ୟାଟେରୀ ଚୋରି: ପୁଲିସ ପାଉନି ଟେର୍

ନୟାହଟ, ୨୮।୬(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଧୂମାଳ ଗ୍ରାମରେ ରହୁଥିବା ବାବାଜୀ ସାହୁଙ୍କ ଟ୍ରାକ୍ଟରରୁ ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ବ୍ୟାଟେରୀ ଚୋରି କରି ନେଇଯାଇଛି। ଏନେଇ ଶ୍ରୀସାହୁ ନୟାହାଟ ଫାଣ୍ଡିରେ ଶୁକ୍ରବାର ଦିନ ଅଭିଯୋଗ କରିଛନ୍ତି। ଗତ ଦୁଇ ମାସ ପୂର୍ବରୁ ସାହୁଙ୍କ ଟ୍ରାକ୍ଟରରୁ ୨ଟି ବ୍ୟାଟେରୀ ଚୋରି ହୋଇଥିଲା ଯାହାର ମୂଲ୍ୟ ୩୦ହଜାର ଟଙ୍କା ହେବ। ପୂର୍ବରୁ ଚୋରିରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ପୁଲିସ ଅଦ୍ୟାବଧି କାହାକୁ ଗିରଫ କରିବାରେ ସଫଳ ହୋଇପାରିନାହିଁ। ନୟାହାଟ ଅଞ୍ଚଳରେ ଚାରିମାସ ମଧ୍ୟରେ ୧୪ଟି ଚୋରି ଘଟଣାରେ ପୁଲିସ କାହାକୁ ଗିରଫ କରିବାରେ ସଫଳ ହୋଇପାରି ନାହିଁ। କଡା କଡି ପେଟ୍ରୋଲିଂ ହେଉ ନଥିବାରୁ ନୟାହାଟ ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗ ହେଉଛି। ନିମାପଡ଼ା ଡିଏସପି ପ୍ରଭାତ କୁମାର ମଲ୍ଲିକ ବିଶେଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

### ୫ ବର୍ଷ ବିତିଲା; ଆଗେଇ ପାରୁନି କାମ

# ପୂର୍ତ୍ତ ରାସ୍ତାରେ ପୌର ପରିଷଦ କଣ୍ଟା

ନୟାଗଡ଼, ୨୮।୬(ସମିସ): ନୟାଗଡ଼ ପୂର୍ତ୍ତ ବିଭାଗ ଅପାରଗତା ପାଇଁ ୫ ବର୍ଷ ହେବ ଗୋଟିଏ ରାସ୍ତା ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ରହିଛି। ଏହି



ରାସ୍ତା ନିର୍ମାଣରେ ଏବେ ବାଧକ ସାଜିଲାଣି ନୟାଗଡ଼ ପୌରପରିଷଦ। ପୌରପରିଷଦ ପ୍ରସ୍ତାବିତ ତଥା ଅଧପନ୍ତରିଆ ଅବସ୍ଥାରେ ରହିଥିବା ରାସ୍ତାକୁ ଡମ୍ପିଂୟାଡ ପରିଣତ କଲାଣି। ନୟାଗଡ଼ରେ ସରକାରୀ ଅଧିକାରୀ ଏବଂ ସରକାରୀ କାର୍ଯ୍ୟାଳୟ ମଧ୍ୟରେ ସମନ୍ୱୟ ଅଭାବ ଏବଂ ବେଫିକର ମନୋବୃତ୍ତି ପାଇଁ କୋଟି କୋଟି ଟଙ୍କା ପାଣିରେ ପଡୁଛି। ନୟାଗଡ଼ ନୂଆ ବସଷ୍ଟାଣ୍ଡଠାରୁ କ୍ଷତ୍ରିବରପୁର ପର୍ଯ୍ୟନ୍ତ ଏକ ନୂଆରାସ୍ତା ନିର୍ମାଣ କାର୍ଯ୍ୟ ୫ ବର୍ଷ ତଳୁ ଆରମ୍ଭ ହୋଇଛି। କାମ କରୁଥିବା ଠିକାଦାରଙ୍କୁ ନେଇ ବିବାଦୀୟ ପରିସ୍ଥିତି କାରଣରୁ ଏହି ରାସ୍ତା ନିର୍ମାଣ ସରିନଥିବା ଜଣାପଡ଼ିଛି। ବଳରାମ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ୩ କୋଟି ୮୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ରାସ୍ତା ପାଇଁ ପାଇଁ ପୁନଃ ଟେଣ୍ଡର କରାଯାଇଥିଲା। ନୂଆ ଟେଣ୍ଡରରେ ୧୪ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିଲା। ତାହାକୁ ବାତିଲ କରାଯାଇ ଏବେ ପୁଣି ନୂଆ ଟେଣ୍ଡର ପାଇଁ ବ୍ୟବସ୍ଥା ହୋଇଛି। ଯାହାର ବ୍ୟୟ ଅଟକଳ ୯ କୋଟି ଟଙ୍କା ରହିଥିବା ସୂଚନା ମିଳିଛି। ଟେଣ୍ଡର ପ୍ରକିୟା ଶେଷ ହୋଇନଥିବା ବେଳେ କେବେ କାମ ଆରମ୍ଭ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ନିର୍ମାଣ କାମ ଦୁଇବର୍ଷ ତଳୁ ବନ୍ଦ ହୋଇ ରହିଥିବା ବେଳେ ଏହା ଏବେ ପୌରପରିଷଦର ଡମ୍ପିଂୟାଡ ପାଲଟି ଗଲାଣି। ରାସ୍ତାର ମୂଳରୁ ଶେଷ ପର୍ଯ୍ୟନ୍ତ ଅଳିଆ ଆବର୍ଜନ ଗଦା କରାଯାଇଥିବା ଦେଖିବାକୁ ମିଳିଛି। ନୟାଗଡ଼ ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଏହି ରାସ୍ତାରେ ଗଦା ଯାଉଛି। ଫଳରେ ପ୍ରସ୍ତାବିତ ରାସ୍ତା ନକରିବା ପାଇଁ ଏକ ଯୋଜନା ବଦ୍ଧ ଷଡଯନ୍ତ୍ର ହୋଇଥିବା ଆଲୋଚନା ହେଉଛି। ନୟାଗଡ଼ ସହରରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ କ୍ଷୁଦ୍ର ପ୍ରକିୟାକରଣ କେନ୍ଦ୍ର ଏବଂ ମଳ ଉପଚାର କେନ୍ଦ୍ରକୁ ନେବା ପାଇଁ କ୍ଷତ୍ରିବରପୁର ଗ୍ରାମ ରାସ୍ତାକୁ ବ୍ୟବହାର କରାଯାଉଛି। ଯାହାକୁ ନେଇ ଉକ୍ତ ଗ୍ରାମବାସୀଙ୍କ ମଧ୍ୟରେ ବାରମ୍ବାର ଅସନ୍ତୋଷ ଦେଖାଯାଉଛି। ଯାହାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ରାସ୍ତା ନିର୍ମାଣକୁ ଆଖି ଆଗରେ ରଖି ଏହି ଅଞ୍ଚଳରେ ମଡେଲ ମଣ୍ଡି ନିର୍ମାଣ କରିବାକୁ ଗତ ମାର୍ଚ୍ଚ ୨୬ ତାରିଖରେ ଶିଳାନ୍ୟାସ କରାଯାଇଥିଲା। ମାତ୍ର ବର୍ତ୍ତମାନ ରାସ୍ତା ଉପରେ ଆବର୍ଜ୍ଜନା ଗଦା ଦେଖିଲେ, ରାସ୍ତା ନିର୍ମାଣ ହେବ କି ନାହିଁ ବୋଲି ସନ୍ଦେହ ସୃଷ୍ଟି ହେଉଛି। ଅନ୍ୟପକ୍ଷେ ପରିବର୍ତ୍ତିତ ସହରକୁ ଦୃଷ୍ଟିରେ ରଖିଲେ ନୟାଗଡ଼ ବଲାଙ୍ଗୀପାର୍କଠାରୁ ବଳରାମ ପାହାଡ ପାଦଦେଶରେ କ୍ଷତ୍ରିବରପୁର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣର ଆବଶ୍ୟକତା ରହିଛି। ଏହା ଦ୍ୱାରା ରୁକ୍ଷି ପାହାଡ ଚାରି ପାଖରେ ସହର ବଢ଼ିବା ଭଳି ବଳରାମ ପାହାଡ ଚାରି ପାଖରେ ସହର ବୃଦ୍ଧି ପାଇ ପାରନ୍ତା। ଏପର୍ଯ୍ୟନ୍ତ ନୂଆ ବସଷ୍ଟାଣ୍ଡ କ୍ଷତ୍ରିବରପୁର ରାସ୍ତା ନିର୍ମାଣ ହୋଇ ପାରୁନଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ବଲାଙ୍ଗିପାର୍କ କ୍ଷତ୍ରିବରପୁର ରାସ୍ତା ପାଇଁ କୌଣସି ଯୋଜନା କରିନଥିବା ସୂଚନା ମିଳିଛି। ନୟାଗଡ଼ ସହରର ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଅନେକ ଗ୍ରାମବାସୀ ସହର ମୁହାଁ ହେଉଛନ୍ତି। ସହର ଅଭିବୃଦ୍ଧି ପାଇଁ ବଳରାମ ପାହାଡ ପାଦଦେଶରେ ସମ୍ପୂର୍ଣ୍ଣ ପୂର୍ତ୍ତ ରାସ୍ତା ନିର୍ମାଣ କରାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

- ଡମ୍ପିଂୟାଡ୍ ପାଲଟିଲାଣି ନୂଆ ବସ୍‌ଷ୍ଟାଣ୍ଡ କ୍ଷତ୍ରିବରପୁର ରାସ୍ତା
- ବିଭାଗ ଅପାରଗତାରୁ ବାରମ୍ବାର ହେଉଛି ଟେଣ୍ଡର

### ● ଶ୍ରୁତି ସ୍ୱତନ୍ତ୍ର ବିଦ୍ୟାଳୟ

## ହେଲେନ୍ କେଲର୍ ଜୟନ୍ତୀ ପାଳନ




ନୟାଗଡ଼, ୨୮।୬(ସମିସ): ନୟାଗଡ଼ରେ ଭିନ୍ନକ୍ଷମ ପିଲାମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ସହିଦ୍ ଯୁବ ସଂଘ ଦ୍ୱାରା ପରିଚାଳିତ ଶ୍ରୁତି ସ୍ୱତନ୍ତ୍ର ବିଦ୍ୟାଳୟରେ ବହୁ ଅକ୍ଷମତା ଯୁକ୍ତ ମହିୟସୀ ମହିଳା ହେଲେନ୍ କେଲରଙ୍କ ୧୪୪ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଶ୍ରୁତି ଅଧକ୍ଷା ଜୟଶ୍ରୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ସମ୍ପାଦିକା ସାଗରିକା ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ହେଲେନ୍ କେଲରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ହେଲେନ କେଲର ମାତ୍ର ୧୯ ମାସର ଶିଶୁ ଥିବା ବେଳେ ଜ୍ୱରରେ ପଡ଼ି ଉଭୟ ଦୃଷ୍ଟି ଶକ୍ତି ଓ ଶ୍ରବଣ ଶକ୍ତି ହରାଇଥିଲେ। ବୟସ ହେଲା ପରେ ପାଠ ପଢ଼ିବାର ଆଗ୍ରହ ଥିଲେ ମଧ ପଢ଼ିବାରେ ସମସ୍ୟା ଥିଲା। ସୁଲେଭାନ୍ ନାମ୍ନୀ ଶିକ୍ଷୟିତ୍ରୀଙ୍କ ଯୋଗୁଁ ସେ ଶିକ୍ଷା ପାଇବା ସହ ନିଜର ପ୍ରତିଭାର ବିକାଶ ପାଇଁ ସୁଯୋଗ ପାଇଥିଲେ। ସେ ସମୟର ଆମେରିକାର ହେଲେନ କେଲର ଥିଲେ ଜଣେ ପ୍ରଖ୍ୟାତ ରାଜନୀତି ବିଶାରଦ, ଖ୍ୟାତ ସମ୍ପନ୍ନ ଲେଖକ, ଭିନ୍ନକ୍ଷମ ଅଧିକାର ଅଧିବକ୍ତା ଓ ଅଧ୍ୟାପକ। ସେହି ମହିୟସି ମହିଳାଙ୍କ ଜନ୍ମ ଏକ ଜୁନ ୧୮୮୦ ଓ ମହାପ୍ରୟାଣ ୧ ଜୁନ୍ ୧୯୬୮ରେ ହୋଇଥିଲା ବୋଲି ମତ ବ୍ୟକ୍ତ କରିଥିଲେ। ଏହି ସଭାରେ ଶିକ୍ଷକ ଆନନ୍ଦ କୁମାର ଚୌଧୁରୀ, ଜିତେନ୍ଦ୍ର ପ୍ରଧାନ, ମିଥୁନ ମଲ୍ଲିକ, ଲତା ସାହୁ ପ୍ରମୁଖ ମତ ରଖିଥିଲେ।

## ରୋଟାରୀ କ୍ଲବରେ ସ୍ୱାସ୍ଥ୍ୟ ସଚେତନତା




ନୟାଗଡ଼, ୨୮।୬(ସମିସ): ନୟାଗଡ଼ ରୋଟାରୀ ଭବନ ପରିସରରେ ଭୁବନେଶ୍ୱର ସନସାଇନ୍ ହସ୍ପିଟାଲ ଓ ରୋଟାରୀ କ୍ଲବ୍ ମିଳିତ ଆନୁକୂଲ୍ୟରେ ସ୍ୱାସ୍ଥ୍ୟ ସଚେତନତା ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ୍ ସଭାପତି ରୋଟାରିଆନ୍ ଅବଦୁଲ୍ ଆରିଫ୍ ଖାଁନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ଆଲୋଚନାରେ ସନସାଇନ୍ ହସ୍ପିଟାଲ ଡାଇରେକ୍ଟର ତଥା ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡାକ୍ତର ପ୍ରଫୁଲ୍ଲ କୁମାର ସାହୁ ଯୋଗ ଦେଇ ବ୍ରେନ୍ ଷ୍ଟ୍ରୋକ୍ କାହିଁକି ହୁଏ, ତାହାର କାରଣ ଓ ନିରାକରଣ ସହିତ ବାର୍ଦ୍ଧକ୍ୟ ବୟସରେ କଣ ସଚେତନତା ଅବଲମ୍ବନ କରାଯିବ, ସେ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବରିଷ୍ଠ ଫିଜିଓଥେରାପିଷ୍ଟ ଡାକ୍ତର ଆଭାସ ଦାସ ପଟ୍ଟନାୟକ ଯୋଗଦେଇ ଶାରୀରିକ ଶିକ୍ଷା ଉପରେ ଆଲୋଚନା କରି କିପରି ଯୋଗ ଓ ନିୟମିତ ବ୍ୟାୟାମ୍ କରିବା ସେ ବିଷୟରେ ବହୁ ଉପାଦେୟ ପରାମର୍ଶ ଦେଇଥିଲେ। ଅତିଥି ଭାବେ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ଏଭଳି ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଆୟୋଜନକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ପୌରପରିଷଦ ଅଧକ୍ଷା ନିରୁପମା ଖଟେଇ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଏହି ସଚେତନତା ଶିବିର ବେଶ୍ ଲାଭଦାୟକ ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ବରିଷ୍ଠ ନାଗରିକ ଫେଡେରେସନର ସାଧାରଣ ସମ୍ପାଦକ ଡକ୍ଟର ଯୁଗଳ କିଶୋର ସାହୁ ଯୋଗଦେଇ ବାର୍ଦ୍ଧକ୍ୟ ବୟସରେ ସ୍ୱାସ୍ଥ୍ୟ ସୁରକ୍ଷା ବିଷୟରେ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଉକ୍ତ ଶିବରରେ ରୋଟାରୀ କ୍ଲବ୍ ସମ୍ପାଦକ ରୋଟାରିଆନ୍ ଶ୍ରୀଧର ସାହୁ, ରୋଟାରିଆନ୍ ଶ୍ରୀକାନ୍ତ ଖଟେଇଙ୍କ ସମେତ ସମସ୍ତ ସଦସ୍ୟ, ବରିଷ୍ଠ ନାଗରିକ ମଞ୍ଚ, ସିଭିଲ୍ ସୋସାଇଟି, ଇନରହୁଇଲ୍ କ୍ଲବ୍, ଭାରତ ବିକାଶ ପରିଷଦର ବହୁ ସଦସ୍ୟ ଓ ସାମ୍ବାଦିକ ଉପସ୍ଥିତ ଥିଲେ। ରୋଟାରିଆନ୍ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ବ୍ରଜେନ୍ଦ୍ର ଚନ୍ଦ୍ର ପଟ୍ଟନାୟକ, ସନ୍ତୋଷ କୁମାର ନାୟକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରୋଟାରିଆନ୍ ସୁବୋଧ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କବିତା ସଂକଳନ 'ଅଫେରା ସମୟର ସ୍ରୋତ' ଉନ୍ମୋଚିତ



ଓଡଗାଁ, ୨୮।୬(ସମିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ରଘୁନାଥ ଆଥଲେଟିକ୍ ଆସୋସିଏସନ୍ ପରିସରରେ ଗୁରୁବାର ସନ୍ଧ୍ୟାରେ କବିତା ସଙ୍କଳନ 'ଅଫେରା ସମୟର ସୁଅ' ଉନ୍ମୋଚିତ ହୋଇଯାଇଛି। ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ପ୍ରାକ୍ତନ ଅଧକ୍ଷ ଅଧିବାସ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଶାନ୍ତନୁ ବିଶୋଇଙ୍କ କବିତା ସଙ୍କଳନ 'ଅଫେରା ସମୟର ସ୍ରୋତ'ଉନ୍ମୋଚନ ହୋଇଛି। ବରିଷ୍ଠ କବି ଲୋକନାଥ ମିଶ୍ର, ପ୍ରଫୁଲ୍ଲ ମାଝୀ, ଦାମୋଦର ସାହୁ, ଚନ୍ଦ୍ର ବିଜୟୀ ମିଶ୍ର, ଦିବାକର ନାୟକ, ସାମ୍ବାଦିକ ସାରସ କୁମାର ମିଶ୍ରଙ୍କ ସହିତ ଭାବଗ୍ରାହୀ ମହାପାତ୍ର, ଶ୍ରୀଧର ପ୍ରଧାନ, ରଞ୍ଜନ କୁମାର ଦାଶ, ଯଶୋବନ୍ତ ପଟ୍ଟନାୟକ, ପ୍ରଦିପ ନାୟକ, ରାଜକିଶୋର ନାୟକ, ସୁକାନ୍ତ ଚୌଧୁରୀ, ରେଣୁବାଳା ଚୌଧୁରୀ, ପ୍ରିୟଦର୍ଶିନୀ ମହାପାତ୍ର ପ୍ରମୁଖ କବିକବୟିତ୍ରୀମାନେ ଉନ୍ମୋଚନ ସଭାରେ ଅଂଶଗ୍ରହଣ କରି ରିତିଯୁଗୀୟ ଏବଂ ଆଧୁନିକ ଯୁଗର କାବ୍ୟ କବିତା ଉପରେ ଆଲୋଚନା କରିଥିଲେ। ବରିଷ୍ଠ ସାମ୍ବାଦିକ ଆଦର୍ଶ ପଟ୍ଟନାୟକ, ଅଶୋକ ମହାପାତ୍ର, ଗଣେଶ୍ୱର ସାହୁ, ଫକିର ମହାରଣା ଏବଂ ନୟାଗଡ଼ ଦର୍ପଣର ସାମ୍ବାଦିକ ଯଯାତୀ କେଶରୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ।

## ବିଦ୍ୟୁତ୍ ଆଘାତରେ ନାବାଳକ ମୃତ

ନୟାଗଡ଼, ୨୮।୬(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ପଣ୍ଡୁସର ଗ୍ରାମରେ ବିଦ୍ୟୁତ୍ ଆଘାତରେ ଜଣେ ନାବାଳକର ମୃତ୍ୟୁ ଘଟିଛି। ମୃତକ ସ୍ୱର୍ଗତ ଅନ୍ତର୍ଯ୍ୟାମୀ ସାହୁଙ୍କ ପୁଅ ରାଜେନ୍ଦ୍ର ସାହୁ (୧୭)। ତାଙ୍କ ଘର ଆଜବେଷ୍ଟ ଉପରେ ଯାଇଥିବା ବିଦ୍ୟୁତ୍ ତାର ବିଭିନ୍ନ ସମୟରେ ସର୍ଟ ହେଉଥିଲା। ଯାହାକୁ ନେଇ ରାଜେନ୍ଦ୍ର ବିଦ୍ୟୁତ୍ ତାର ଉପରେ କଭର ଲଗାଇବା ପାଇଁ ଛାତ ଉପର ଦେଇ ଆଜବେଷ୍ଟକୁ ଚଢ଼ି ଥିଲେ। କଭର ଲଗାଇବା ସମୟରେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ଇଟାମାଟି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରାଜେନ୍ଦ୍ର ମହାବିଦ୍ୟାଳୟରେ ପାଠ ପଢୁଥିଲେ। ବାପା ଚାଲିଯିବା ପରେ ମାଆ ତାଙ୍କୁ ଲାଳନ ପାଳନ କରୁଥିଲେ।

### ● ଖାଲରେ ଫସିଲା 'ଲକ୍ଷ୍ମୀ ବସ୍'

## ବିଦ୍ୟୁତ୍ ଖମ୍ବ ଯୋଗୁଁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ଓଡଗାଁ, ୨୮।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରବିଗାଡିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ କିଛି ଦୂର ଶ୍ମଶାନ ନିକଟରେ 'ଲକ୍ଷ୍ମୀବସ୍'ରାସ୍ତା ଉପରେ ହଠାତ୍ ଢ଼ଳି ପଡ଼ିବାରୁ ଯାତ୍ରୀମାନଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଥିଲା। ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ଢଳି ପଡ଼ିଥିବା ବୟସରୁ ସୁରକ୍ଷିତ ଭାବେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ଶୁକ୍ରବାର ମଧ୍ୟାହ୍ନ ପ୍ରାୟ ୧୨ ଟା ସମୟରେ ବସ୍‌ଟି ଓଡ଼ଗାଁ ଅଭିମୁଖେ ଫେରୁଥିବା ବେଳେ ଦୁର୍ଘଟଣା ଘଟିଥିଲା। ବହୁ ଚେଷ୍ଟା କରି ମଧ ବସ୍‌କୁ ଠିଆ କରାଯାଇ ପାରିନଥିଲା। ଶେଷରେ ହାଇଡ୍ରା ମାଧମରେ ଲକ୍ଷ୍ମୀ ବସ୍‌କୁ ଖାଲରୁ ଉଠାଯାଇଥିଲା। ଘଟଣାରୁ ଜଣାଯାଏ ପାନୀୟଜଳ ଯୋଗାଣ ନିମନ୍ତେ ରାସ୍ତାର ଉଭୟ ପାର୍ଶ୍ୱରେ ପାଇପ୍ ଲାଇନ୍ ପାଇଁ ଗାତ ଖୋଳାଯାଇଥିଲା। ଏହି ପାଇପଲାଇନକୁ ଠିକ୍ ଭାବେ ପୋତା ଯାଇନଥିବା ବେଳେ ପିଚୁସଡକରୁ ମାଟିକୁ ପରିଷ୍କାର କରାଯାଇନଥିଲା। ଝିପିଝିପି ବର୍ଷାରେ ମାଟି ତରଳି ରହିଥିବା ବେଳେ ଗାଡ଼ିଟିର ବାମଚକ ବାମ ପାର୍ଶ୍ୱକୁ ଭିଡ଼ିହୋଇ ପାଇପଲାଇନ୍ ଗାତ ଭିତରକୁ ଖସିଯାଇଥିଲା।

### ● ଖତ ହେଉଛି ସ୍ୱଚ୍ଛ ଭାରତ ମିଶନ ଟ୍ରଲି

## କାର୍ଯ୍ୟରେ ଲାଗୁନି ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହ



ରଣପୁର, ୨୮।୬(ସମିସ): ରଣପୁର ବ୍ଲକର ୩୭ ପଞ୍ଚାୟତରେ କେନ୍ଦ୍ରୀୟ ପଞ୍ଚଦଶ ଅର୍ଥ କମିଶନ ଅନୁଦାନରେ ତିନିଗୋଟି ଲେଖାଏଁ ଟ୍ରଲି କିଣା ଯାଇଥିଲା। ଯାହାଦ୍ୱାରା ଲୋକମାନେ ଶୁଖିଲା ଅଳିଆ ଏବଂ ଓଦା ଅଳିଆ ଗୁଡିକୁ ଟ୍ରଲିରେ ବୋହି ନେଇ ୧ ଲକ୍ଷ ୫୦ ହଜାର ଟଙ୍କାରେରେ ନିର୍ମିତ ହେଇଥିବା ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ରରେ ପକାଇବା ପାଇଁ ଯୋଜନା ରହିଥିଲା। ସରକାରଙ୍କ ଏପରି ଜନହିତକର ଯୋଜନାକୁ ନା ଲୋକମାନେ ଠିକରେ ବୁଝି ପାରିଲେ ନା ସରକାରୀ ଅଧିକାରୀ ଲୋକମାନଙ୍କୁ ଏ ଦିଗରେ ସଚେତନ କରେଇ ପାରିଲେ। ଏହା କେବଳ ସରକାରୀ ଅର୍ଥକୁ ଠିକାଦାର ଏବଂ ସରକାରୀ ଅଧିକାରୀଙ୍କ ହାତରେ ଟେକିଦେଇ କାଗଜ ପତ୍ରରେ ସ୍ୱଚ୍ଛ ଭାରତ ମିଶନକୁ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ପଞ୍ଚାୟତରେ ଏହି ଟ୍ରଲିଗୁଡିକ କ୍ରୟ ହେବା ଦିନଠାରୁ କାର୍ଯ୍ୟରେ ଲାଗିନାହିଁ। ଖରାବର୍ଷାରେ ଉକ୍ତ ଟ୍ରଲି ଖତ ଖାଉଥିବା ବେଳେ ଅନେକ ପଞ୍ଚାୟତରେ ଏହା ଖତ ଖାଉଛି। ସେହିପରି କଠିନ ବର୍ଜ୍ୟବସ୍ତୁ ପୃଥକୀକରଣ ଗୃହର ଅବସ୍ଥା ସମାନ। କେଉଁଠି ଗ୍ରୀଲି ତାଲା ଫିଟିନି ତ କେଉଁଠି ଗ୍ରିଲ ତାଡିକି ନେଇଗଲେଣି। ଗୋଟେ ଗୋଟେ ଜାଗାରେ ଜଙ୍ଗଲ ହେଇଗଲାଣି। ଯଦି ଏ ବାବଦରେ ସରକାରୀ ଅଧିକାରୀମାନେ ଅବଗତ ରହିଥିଲେ ସୁଦ୍ଧା ବିଭିନ୍ନ ଗ୍ରାମ ପଞ୍ଚାୟତ ଗସ୍ତ ସମୟରେ ତାହାର ତଦାରଖ ମଧ କରୁନାହାନ୍ତି। ସ୍ୱଚ୍ଛଭାରତ ମିଶନ କେତେ ସଫଳ ହେଉଛି, ତାହା ଏହାକୁ ଦେଖିଲେ ସ୍ପଷ୍ଟ ବାରି ହେଉଛି।ଏଦିଗରେ ଜିଲ୍ଲା ପ୍ରଶାସନ ବିଶେଷ ଭାବେ ଦୃଷ୍ଟି ଦେବା ସହିତ ଗ୍ରାମାଞ୍ଚଳରେ ସ୍ୱଚ୍ଛ ଭାରତ ମିଶନକୁ କାର୍ଯ୍ୟକ୍ଷମ କରାଇବାକୁ ସାଧାରଣରେ ଦାବି ହେଉଛି।

### ନୟାଗଡ଼ ପୌର ପରିଷଦ ବୈଠକ

## ସହର ବିକାଶ ପାଇଁ ସାଢ଼େ ଚାରି ଘଣ୍ଟା ସମୀକ୍ଷା



ନୟାଗଡ଼, ୨୮।୬(ସମିସ): ନୟାଗଡ଼ ପୌର ପରିଷଦ ବୈଠକ ଶୁକ୍ରବାର ପୌର ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସାଢ଼େ ଚାରି ଘଣ୍ଟା ସମୀକ୍ଷା କରିଛନ୍ତି। ଅପରାହ୍ନ ୪ଟାରୁ ବୈଠକ ଆରମ୍ଭ ହୋଇଥିବା ବେଳେ ରାତି ୮ଟା ୩୦ରେ ବୈଠକ ଶେଷ ହୋଛି। ବୈଠକରେ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ନିର୍ବାହୀ ଅଧିକାରୀ ସ୍ନେହାଞ୍ଜଳୀ ଆଚାର୍ଯ୍ୟ ବୈଠକକୁ ସଂଯୋଜନା କରିଥିଲେ। ସହରରେ ଚାଲିଥିବା ବିକାଶମୂଳକ କାର୍ଯ୍ୟକୁ କିଭଳି ତ୍ୱରାନ୍ୱିତ କରାଯିବ ଏବଂ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେଇ ଦୂରିଭୂତ କରାଯିବ ଆଲୋଚନା ହୋଇଛି। ଅଧପନ୍ତରିଆ ଓ ଅନୁମୋଦିତ ଅବସ୍ଥାରେ ରହିଥିବା କାମ ଗୁଡିକ ଶୀଘ୍ର ଶେଷ କରିବା ଉପରେ ଆଲୋଚନା କରାଯାଇଥିଲା। ବର୍ଷ ଋତୁକୁ ଗୁରୁତ୍ୱ ଦେଇ ବିଭିନ୍ନ ୱାର୍ଡରେ ରହିଥିବା ସମସ୍ୟା ଦୂରିଭୂତ କରିବାକୁ ଗୁରୁତ୍ୱ ଦିଆଯାଇଥିଲା। ଡ୍ରେନେଜ ସମସ୍ୟାକୁ ପ୍ରାଥମିତା ଦିଆଯାଇଛି। ସବୁ ମୁକୁଳା ଡ୍ରେନରେ ସ୍ଲାବ ପକାଇବାକୁ ନିଷ୍ପତ୍ତି ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ ସଫେଇ କାମ କରିବାକୁ କୁହାଯାଇଛି। ସହରରେ ଚାଲିଥିବା ବିକାଶ ମୂଳକ କାର୍ଯ୍ୟରେ କନିଷ୍ଠଯନ୍ତ୍ରୀଙ୍କ କୋହଳ ନୀତିକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ସମସ୍ତ ଯନ୍ତ୍ରୀଙ୍କୁ ସଠିକ ଭାବେ କାର୍ଯ୍ୟ କରିବାକୁ ବିଧାୟକ ଡ. ସାହୁ ପରାମର୍ଶ ଦେଇଛନ୍ତି। ବିକାଶ ମୂଳକ କାର୍ଯ୍ୟରେ ଜମିଜମା ସଂକ୍ରାନ୍ତିୟ ସମସ୍ୟାକୁ ଦୂରିଭୂତ କରିବା ପାଇଁ ତହସିଲଦାରଙ୍କୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଛି। ମୁକ୍ତା ଯୋଜନାରେ ସମସ୍ତ କାର୍ଯ୍ୟ ସଠିକ ଭାବେ କରାଯିବାକୁ ଗୁରୁତ୍ୱ ଦିଆଯାଇଛି। କୌଣସି ପରିସ୍ଥିତିରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ପ୍ରତି ଅବହେଳା ନକରିବାକୁ କୁହାଯାଇଛି। ବର୍ଷାଋତୁ ଆରମ୍ଭ ହୋଇଥିବାରୁ ନୟାଗଡ଼ ସହରରେ ବ୍ୟାପକ ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ହୋଇଛି।ଏହା ସହିତ ବିଧାୟକ ବିଭିନ୍ନ ବିଭାଗରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ତନ୍ନତନ୍ନ କରି ଆଲୋଚନା କରିଛନ୍ତି। ଜନହିତକର ଯୋଜନା ଗୁଡିକର ସୁଫଳ କିଭଳି ପ୍ରକୃତ ହିତାଧିକାରୀ ପାଇବେ ସେ ନେଇ ଆଲୋଚନା ହୋଇଛି। ଏହି ବୈଠକରେ ପୌର ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ।ପଞ୍ଚାମ ଥର ପାଇଁ ଡ. ସାହୁ ବିଧାୟକ ଭାବେ ନୟାଗଡ଼ ଆସନରୁ ନିର୍ବାଚିତ ହୋଇଥିବାରୁ ତାଙ୍କୁ ପୌର ପରିଷଦ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

- କନିଷ୍ଠ ଯନ୍ତ୍ରୀ କୋହଳ ନୀତିକୁ ନେଇ ଉଦ୍‌ବେଗ
- ବ୍ୟାପକ ବୃକ୍ଷରୋପଣ ପାଇଁ ନିଷ୍ପତ୍ତି
- ଡ୍ରେନେଜ୍ ସମସ୍ୟା ଦୂରିଭୂତ ପାଇଁ ପରାମର୍ଶ

## ଆୟୁର୍ବେଦିକ ଚିକିତ୍ସକଙ୍କ ବିୟୋଗରେ ଶୋକ



ଓଡଗାଁ, ୨୮।୬(ସମିସ): ଓଡଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରାଳ ଗ୍ରାମର ଘରୋଇ ଆୟୁର୍ବେଦିକ ଡାକ୍ତର ଡ. ଗୋପୀନାଥ ସାହୁଙ୍କ ଶୁକ୍ରବାର ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୫ ବର୍ଷ ହୋଇଥିଲା। ସେ ନିଜର ଆୟୁର୍ବେଦିକ ଚିକିତ୍ସାକୁ ଲୋକାଭିମୁଖୀ କରିବା ସହିତ ଜଗନ୍ନାଥ ସଂସ୍କୃତି ପ୍ରଚାର ଲାଗି ଜିଲ୍ଲା ସ୍ତରୀୟ ଚାରଣ ଗୋଷ୍ଠୀର ସକ୍ରିୟ କାର୍ଯ୍ୟକର୍ତ୍ତା ଭାବେ ପ୍ରତିଷ୍ଠା ଲାଭ କରି ସାଧାରଣରେ ପ୍ରିୟ ଭାଜନ ହୋଇପାରିଥିଲେ। ଡ. ସାହୁଙ୍କ ବିୟୋଗରେ ଆୟୁର୍ବେଦିକ ଚିକିତ୍ସକ ମହଲରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ଡ. ସନ୍ତୋଷ କୁମାର ପଟ୍ଟନାୟକ, ଡ. ଅତୁଲ୍ୟ କୁମାର ପଟ୍ଟନାୟକ ଓ ଡ. ଶୁଭେନ୍ଦୁ ନନ୍ଦ ଶୋକ ବାର୍ତ୍ତାରେ କହିଛନ୍ତି। ଓଡଗାଁ ସାମ୍ବାଦିକ ସଂଘ କର୍ମକର୍ତ୍ତା, ଓଡଗାଁ ବଣିକ ସଂଘ ଓ ଚାରଣ ଗୋଷ୍ଠୀ କର୍ମକର୍ତ୍ତା ଶୋକ ପ୍ରକାଶ କରିଛନ୍ତି।

### ଜିଲ୍ଲାରେ ଭତ୍ତା କେଲେଙ୍କାରୀ

# ଜିଲ୍ଲାପାଳଙ୍କୁ ରିର୍ପୋଟ କଲେ ଡିଏସ୍ଏସ୍ଓ

ନୟାଗଡ଼, ୨୮।୬(ସମିସ): ନୟାଗଡ଼ ଜିଲ୍ଲାରେ ଭତ୍ତା କେଲେଙ୍କାରୀ ନେଇ ଲଗାତର ଭାବେ 'ସକାଳ'ରେ ଖବର ପ୍ରକାଶ ପାଇଛି। ଏନେଇ ଶୁକ୍ରବାର ନୟାଗଡ଼ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପରି କହିଁର ଜିଲ୍ଲାପାଳଙ୍କୁ ଚିଠି କରି ଅବଗତ କରିଛନ୍ତି। ଜିଲ୍ଲାରେ ଭେଣ୍ଡିଆ ଲୋକ କିଛି ସହଜ ଜନସେବା କେନ୍ଦ୍ର ଜରିଆରେ ମିଥ୍ୟା ଜନ୍ମପ୍ରମାଣପତ୍ର ପ୍ରସ୍ତୁତ କରି ଭୋଟର ଲିଷ୍ଟରେ ବୟସ ବଢ଼ାଇବାରେ ସଫଳ ହୋଇଛନ୍ତି। ଭୋଟର ପରିଚୟ ପତ୍ର ଆଧାରରେ ନୟାଗଡ଼ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ଅପ୍ରାପ୍ତ ବୟସ୍କ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା ପାଇବାରେ ସଫଳ ହୋଇଛନ୍ତି। ଏହି ଭତ୍ତା କେଲେଙ୍କାରୀକୁ ବିଭିନ୍ନ ବ୍ଲକରେ ସାମାଜିକ ସୁରକ୍ଷା ବିଭାଗରେ କାର୍ଯ୍ୟରତ ଡିଇଓମାନେ ନେପଥ୍ୟରେ ରହି କରିଛନ୍ତି।ନୂଆଗାଁ ବ୍ଲକରୁ ଏହି ଘଟଣା ସାମ୍ନାକୁ ଆସିବା ପରେ ଜିଲ୍ଲାର ଅନେକ ବ୍ଲକରେ ସମାନ ଘଟଣା ଘଟିଥିବା ଜଣାପଡ଼ିଛି। ନୂଆଗାଁ ବ୍ଲକରେ ସ୍ୱତନ୍ତ୍ର କମିଟି ଜରିଆରେ ତଦନ୍ତ ଚାଲିଥିବା ବେଳେ ଶୁକ୍ରବାର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କୁ ଏନେଇ ଅବଗତ କରିଛନ୍ତି।ଏହି ଘଟଣାର ତଦନ୍ତ କରାଯାଇ ଅନିୟମିତତାକୁ ପ୍ରଶ୍ରୟ ଦେଉଥିବା ଡିଇଓଙ୍କୁ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଜିଲ୍ଲାରେ ୧ ଲକ୍ଷ ୫୬ ହଜାର ହିତାଧିକାରୀ

ନୟାଗଡ଼ ଜିଲ୍ଲାରେ ୧ ଲକ୍ଷ ୫୬ ହଜାର ୫୯୦ ଜଣ ହିତାଧିକାରୀ ଭତ୍ତା ପାଉଥିବା ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗରୁ ସୂଚନା ମିଳିଛି। ଏହା ମଧ୍ୟରେ ଜାତୀୟ ପେନସନ୍ ଯୋଜନାରେ ୫୩ ହଜାର ୧୯୭ ଜଣ, ମଧୁବାବୁ ପେନସନ୍ ଯୋଜନାରେ ୧ ଲକ୍ଷ ୩ ହଜାର ୩୯୩ ଜଣ ବୋଲି ଜଣାପଡ଼ିଛି। ଓଡଗାଁ ବ୍ଲକରେ ସର୍ବାଧିକ ୨୭ ହଜାର ୮୨୫ ଜଣ ହିତାଧିକାରୀ ରହିଥିବା ବେଳେ ମଧୁବାବୁ ପେନସନ ଯୋଜନାରେ ୧୮ ହଜାର ୬୯୭, ଜାତୀୟ ପେନସନ ଯୋଜନାରେ ୯ ହଜାର ୧୨୮ ଜଣ ବୋଲି ଜଣାପଡ଼ିଛି। ସେହିଭଳି ଭାପୁର ବ୍ଲକରେ ୧୬ ହଜାର ୬୬୨ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୦ ହଜାର ୬୬୮ ଓ ଜାତୀୟ ପେନସନ ଯୋଜନାରେ ୫ ହଜାର ୯୯୪ ଜଣ, ଦଶପଲ୍ଲାରେ ୧୩ ହଜାର ୫୭୪ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୮ ହଜାର ୨୬୪ ଓ ଜାତୀୟ ପେନସନ ଯୋଜନାରେ ୫ ହଜାର ୩୧୦, ଗଣିଆ ବ୍ଲକରେ ୬ ହଜାର ୪୭୧ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ୍ ଯୋଜନାରେ ୪ ହଜାର ୩୬୭ ଓ ଜାତୀୟ ପେନସନ୍ ଯୋଜନାରେ ୨ ହଜାର ୧୦୪, ଖଣ୍ଡପଡ଼ାରେ ୧୮ ହଜାର ୩୭ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୧ ହଜାର ୯୩୦ ଓ ଜାତୀୟ ପେନସନ୍ ଯୋଜନାରେ ୬ ହଜାର ୧୦୭, ନୟାଗଡ଼ ବ୍ଲକରେ ୨୪ ହଜାର ୮୦୯ ଜଣ ହିତାଧିକାରୀଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୬ ହଜାର ୪୫୭ ଜଣ ଓ ଜାତୀୟ ପେନସନ ଯୋଜନାରେ ୮ ହଜାର ୩୫୨ ଜଣ, ନୂଆଗାଁ ବ୍ଲକରେ ୧୫ ହଜାର ୯୭୫ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୦ ହଜାର ୬୮୩ ଓ ଜାତୀୟ ପେନସନ ଯୋଜନାରେ ୫ ହଜାର ୨୯୨, ରଣପୁର ବ୍ଲକରେ ୨୫ ହଜାର ୨୮୮ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୬ ହଜାର ୭୩୨ ଓ ଜାତୀୟ ପେନସନ୍ ଯୋଜନାରେ ୮ ହଜାର ୫୫୬, ଦଶପଲ୍ଲା ଏନ୍‌ଏସିରେ ୨ ହଜାର ୩୪୫ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ୍ ଯୋଜନାରେ ୧ ହଜାର ୮୪୫ ଓ ଜାତୀୟ ପେନସନ୍ ଯୋଜନାରେ ୫୧୪ ଜଣ, ଖଣ୍ଡପଡ଼ା ଏନ୍‌ଏସିରେ ୧ ହଜାର ୧୬୭ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ୍ ଯୋଜନାରେ ୬୩୮ ଓ ଜାତୀୟ ପେନସନ୍ ଯୋଜନାରେ ୫୨୯, ନୟାଗଡ଼ ପୌରପରିଷଦରେ ୧୦୮୭ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ୍ ଯୋଜନାରେ ୬୦୬ ଓ ଜାତୀୟ ପେନସନ ଯୋଜନାରେ ୪୮୧, ଓଡଗାଁ ଏନ୍‌ଏସିରେ ୧୩୭୮ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ ଯୋଜନାରେ ୧୧୨୧ ଓ ଜାତୀୟ ପେନସନ ଯୋଜନାରେ ୨୫୭, ରଣପୁର ଏନ୍‌ଏସିରେ ୧୯୭୨ ଜଣଙ୍କ ମଧ୍ୟରୁ ମଧୁବାବୁ ପେନସନ୍ ଯୋଜନାରେ ୧୩୯୯ ଓ ଜାତୀୟ ପେନସନ୍ ଯୋଜନାରେ ୫୭୩ ଜଣ ହିତାଧିକାରୀ ରହିଥିବା ସୂଚନା ମିଳିଛି।

# ଟାଙ୍ଗୀ ବ୍ଲକ୍ ସାଂସଦଙ୍କ ପ୍ରତିନିଧି ଚିନ୍ମୟ ପୃଷ୍ଟି



**କାଳୁପଡ଼ାଘାଟ, ୨୮।୬(ସମିସ):** ଟାଙ୍ଗୀ ଅଞ୍ଚଳର ଯୁବ ସମାଜସେବୀ ଚିନ୍ମୟ କୁମାର ପୃଷ୍ଟିଙ୍କୁ ଭୁବନେଶ୍ୱର ସାଂସଦଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ଭାବେ ନିଯୁକ୍ତି ଦିଆଯାଇଛି। ଶ୍ରୀ ପୃଷ୍ଟିଙ୍କୁ ମନୋନୀତ କରିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଏନେଇ ପତ୍ର ମାଧ୍ୟମରେ ଟାଙ୍ଗୀ ବ୍ଲକ ବିଡ଼ିଓଙ୍କୁ ଜଣାଇଛନ୍ତି। ଶ୍ରୀ ପୃଷ୍ଟିଙ୍କୁ ସାଂସଦ ଟାଙ୍ଗୀ ବ୍ଲକ ପ୍ରତିନିଧି ଭାବେ ମନୋନୀତ କରିଥିବାରୁ ସେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଯୌତୁକ ନିର୍ଯାତନା ଅଭିଯୋଗ

**ନିରାକାରପୁର, ୨୮।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ଚମ୍ପାଝର ଗ୍ରାମର ରମେଶ ଚନ୍ଦ୍ର ଦାସଙ୍କ ପୁତ୍ର ରାକେଶ କୁମାର ଦାସଙ୍କୁ ମାର୍ଚ୍ଚ ୩୧ ତାରିଖରେ ବେଗୁନିଆ ଥାନା ଦେଉଳି ଗ୍ରାମର ବ୍ରହ୍ମାନନ୍ଦ ପ୍ରହରାଜଙ୍କ ଝିଅ ପ୍ରିୟଙ୍କା ପ୍ରହରାଜ ବିବାହ କରିଥିଲେ। ବିବାହର ମାସେ ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିବାକୁ ଲାଗିଥିଲା। ପରେ ଗତକାଲି ଝିଅ ଘର ପକ୍ଷରୁ ଜଂକିଆ ଥାନାରେ ଯୌତୁକ ନିର୍ଯାତନା ଅଭିଯୋଗ ହୋଇଛି। ଜଂକିଆ ଥାନା ଆଇଆଇସି ପ୍ରଜ୍ଞା ରିତମ୍ଭରା କର ମାମଲା ରୁଜୁ କରି ତଦନ୍ତ କରୁଛନ୍ତି।

## ଡ୍ରେନ୍ ପାଲଟିଛି ଡଷ୍ଟବିନ

# ୬୮ ମିମି ବର୍ଷାରେ ରାସ୍ତାରେ ଲହଡ଼ି ମାରୁଛି ଆବର୍ଜନା ପାଣି

**ଖୋର୍ଦ୍ଧା, ୨୮।୬(ସମିସ)**





ଜାରୀ ରହିଛି ଲଘୁଚାପ ଜନିତ ବର୍ଷା। ଚଳିତ ବର୍ଷ ବର୍ଷା ଠିକଭାବେ ନଥିବାରୁ ଚାଷ କାମ ପଛେଇଥିବା ବେଳେ ଲଘୁଚାପ ବର୍ଷାକୁ ଦେଖି ଚାଷୀ ଭାଇ ଏବେ ଖୁସ୍। କିନ୍ତୁ ଚିନ୍ତାରେ ଖୋର୍ଦ୍ଧା ସହରବାସୀ।କାରଣ କେଉଁଠି ନାଳ ପୋତି ହୋଇଯାଇଛି ତ ଆଉ କେଉଁଠି ନାଳ କାମ ଶେଷ ହେବାର ନାଁ ଧରୁନି। ଏପରିକି ଆଉ କେତେକ ସ୍ଥାନରେ ଅଳିଆ ଆବର୍ଜନାରେ ପୋତି ହୋଇଛି। ଯଦିଓ କିଛି ନାଳକୁ ସଫା କରାଯାଇଛି। ମାତ୍ର ବଡ ବର୍ଷା ପୂର୍ବରୁ ସମସ୍ତ ନାଳ ପୁନରୁଦ୍ଧାର କରିବା କାହିଁ ସମ୍ଭବ ଦେଖାଯାଉନି। ତେଣୁ ଅସରାଏ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା କୋଠା, ମଲ, ବ୍ୟବସାୟ ପ୍ରତିଷ୍ଠାନ, ହୋଟେଲ ମଧ୍ୟ ସେହି ଅନୁପାତରେ ବୃଦ୍ଧି ହେଉଛି।ମାତ୍ର ଏଠାରେ ମୁଖ୍ୟ ସମସ୍ୟା ଦେଖାଦେଇଛି ଡ୍ରେନ। ଅନେକ ସ୍ଥାନରେ ଡ୍ରେନ ନିଷ୍କାସନରେ ସମସ୍ୟା ଦେଖା ଦେବା ସହିତ ସାମାନ୍ୟ ବର୍ଷାରେ ଡ୍ରେନ୍ ର ନର୍ଦ୍ଦମା ପାଣି ରାସ୍ତା ଉପରେ ଲହଡି ମାରୁଛି। ଆଉ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଦୁଇଦିନ ହେବ ବର୍ଷା ସାଙ୍ଘାତିକ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ହେଲାଣି।

ସୂଚନାଯୋଗ୍ୟ ଯେ, ସମବାୟ ବ୍ୟାଙ୍କ ଛକଠାରୁ ପୌରପାଳିକା ରାସ୍ତା ଦେଇ ଯାଇଥିବା ଉପରୁ ଧରି କାର୍ଯ୍ୟାଳୟ ଗେଟ ପର୍ଯ୍ୟନ୍ତ ବର୍ଷାଜଳ ଲହଡୀ ମାରୁଛି। ତେବେ ଅନେକ ଡ୍ରେନ ବର୍ଷା ପୂର୍ବରୁ ଠିକ ଭାବେ ସଫା କରାଯାଉନାହିଁ। ସ୍ଥାନୀୟ ଚର୍ଚ୍ଚ ଛକଠାରେ ଥିବା ଡ୍ରେନରୁ ମଇଳା ପାଣି ଓ ବର୍ଜ୍ୟବସ୍ତୁ ଭାସି ଆସି ରାସ୍ତା କଡରେ ଜମି ରହି ପରିବେଶକୁ ଦୂଷିତ କରୁଛି। ଯାହା ଫଳରେ ଉକ୍ତ ଆବର୍ଜନା ପାଣିରେ ମଶାବଂଶ ବୃଦ୍ଧି ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇ ଡେଙ୍ଗୁ, ମ୍ୟାଲେରିଆ ଭଳି ବିଭିନ୍ନ ରୋଗ ସଂକ୍ରମିତ ହେବା ଆଶଙ୍କା ରହିଛି।

ଅନେକ ୱାର୍ଡରେ ଘରୋଇ ଡ୍ରେନରୁ ନିର୍ଗତ ମଇଳା ପାଣି ସଠିକ ଭାବେ ନିଷ୍କାସିତ ହେଉନଥିବା ଏବଂ ମୁଖ୍ୟ ଡ୍ରେନ ସହ ଡ୍ରେନ ଗୁଡିକର ସଂଯୋଗ ନ ଥିବାରୁ ଆବର୍ଜନା ପାଣି ସାହି ରାସ୍ତାରେ ପ୍ରବାହିତ ହେଉଛି। ବହୁଦିନ ଡ୍ରେନ ଗୁଡ଼ିକ ସଫା ନ ହେବା ଫଳରେ ବହୁ ନାଳ ପୋତି ହୋଇ ମାନଚିତ୍ରରୁ ହଜି ଯାଇଥିବା ମଧ୍ୟ ଦେଖାଗଲାଣି। କିନ୍ତୁ ପୌରପରିଷଦ ତରଫରୁ ନାଳସଫା ନିୟମିତ ହେଉଥିବା ସଫେଇ ଦିଆଯାଉଛି। ମାତ୍ର ବର୍ଷାଦିନ ଆସିଲେ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ସମସ୍ୟାର ସମାଧାନ ଲାଗି ଡ୍ରେନ ଗୁଡ଼ିକୁ ତୁରନ୍ତ ସଫା କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିପର୍ଯ୍ୟସ୍ତ ସ୍ୱେରେଜ ବ୍ୟବସ୍ଥାକୁ ନେଇ ବଢୁଛି ଅସନ୍ତୋଷ / ମୁଖ୍ୟ ଡ୍ରେନ୍ ସହ ଡ୍ରେନ୍‌ର ନାହିଁ ସଂଯୋଗୀକରଣ

ବର୍ଷା ହେଲେ ରାସ୍ତା ଉପରେ ଲହଡୀ ମାରୁଛି ବର୍ଷା ଜଳ। ସେଥିରେ ପୁଣି ୩ଦିନ ଯାଏଁ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ।

ପ୍ରକାଶ ଥାଉକି, ଖୋର୍ଦ୍ଧା ଜିଲ୍ଲାର ମୁଖ୍ୟ ଦପ୍ତର ହୋଇଥିବାବେଳେ ୨୨ଟି ୱାର୍ଡକୁ ନେଇ ଖୋର୍ଦ୍ଧା ପୌରପରିଷଦ ଗଠିତ। ଏହାର ଜନସଂଖ୍ୟା ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ହେବ। ଉପରେ ମାଟି ପକାଇ ବନ୍ଦ କରାଯାଇଛି ତ ଆଉ କେଉଁଠି ଆବର୍ଜନାରେ ଡ୍ରେନ ପୋତିହେଲାଣି। ପୌରପରିଷଦ କର୍ତ୍ତୃପକ୍ଷ ସମ୍ପୃକ୍ତ ବ୍ୟବସାୟୀକ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ କିମ୍ବା ଜରିମାନା ଆଦାୟ କରୁନଥିବାରୁ ବ୍ୟବସାୟୀ ଓ ହୋଟେଲ ମାଲିକମାନେ ସେମାନଙ୍କ ଅଳିଆ ଆର୍ବଜନା ଡ୍ରେନରେ ପକାଉଛନ୍ତି। ଯାହା ଫଳରେ ପାଣି ଜାରି ରହିଥିବା ବେଳେ ସହରର ବିଭିନ୍ନ ସ୍ଥାନରେ ନାଳ ପାଣି ରାସ୍ତାରେ ଉପରେ ଚାଲୁଥିବା ଦେଖାଯାଇଥିଲା। ଜିଲ୍ଲା ଜରୁରୀକାଳୀନ ବିଭାଗ ତଥ୍ୟ ମୁତାବକ ଶୁକ୍ରବାର ସକାଳ ୮ଟା ସୁଦ୍ଧା ଖୋର୍ଦ୍ଧାରେ ୬୮ମିମି. ବର୍ଷା ରେକର୍ଡ ହୋଇଛି। ଏତିକି ବର୍ଷାରେ ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ପାଣି ଜମୁଥିବା ବେଳେ ଅଧିକ ବର୍ଷା ହେଲେ ନାଳ, ଗୁରୁଜଙ୍ଗ, ନୂଆବସଷ୍ଟାଣ୍ଡ ଡମସାହି, ନୂଆବସଷ୍ଟାଣ୍ଡ ପ୍ରମୁଖ ଗଳିରେ ଯାଇଥିବା ଡ୍ରେନ ପ୍ଲାଷ୍ଟିକ ପଲିଥିନ ଏବଂ ବର୍ଜ୍ୟବସ୍ତୁରେ ପୋତି ହୋଇଯାଉଥିବାରୁ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ରାସ୍ତାରେ ଯାଉଛି। ଏମିତିକି ଦୁର୍ନିତି ନିବାରଣ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରେନ ସଂଯୋଗୀକରଣ ଠିକ ନଥିବାରୁ ଏଠାରେ ରାସ୍ତା

## ଆଜି ପ୍ରବଳ ବର୍ଷିବ; ୟେଲୋୱାର୍ଣ୍ଣିଂରେ ଖୋର୍ଦ୍ଧା

# ମୌସୁମୀ ନାଁ ଶୁଣି ନଦୀକୂଳିଆ ଗ୍ରାମବାସୀ ଛାନିଆ

**ଖୋର୍ଦ୍ଧା, ୨୮।୬(ସମିସ):** କ୍ରମାଗତଭାବେ ଗତ କିଛିଦିନ ହେବ ଅସହ୍ୟ ତାତିରେ ଆଉଟପାଉଟ୍ ହେଉଥିଲେ ଜିଲ୍ଲାବାସୀ। ମାତ୍ର ୨୬ ତାରିଖ ରାତିରୁ ଜାରୀ ରହିଥିବା ବର୍ଷା ଆଶ୍ୱସ୍ତି ଆଣିଛି। ପୁଣି ବଙ୍ଗୋପସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇଛି। ଯାହା ଫଳରେ ଆସନ୍ତା ୩ ଦିନ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ଆକଳନ କରିଛି ପାଣିପାଗ ବିଭାଗ। ଶନିବାର ଖୋର୍ଦ୍ଧା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ପ୍ରବଳ ବର୍ଷା ଥିବାରୁ ମଲାଗୁଣୀ, ରାଜୁଆ, ଦୟା ପ୍ରମୁଖ ନଦୀଗୁଡ଼ିକର ଜଳସ୍ତର ଯେ କୌଣସି ସମୟରେ ବଢ଼ିବା ସମ୍ଭାବନା ଥିବାରୁ ନଦୀ କୂଳିଆ ଗ୍ରାମ ଯଥା ଢ଼ିହଖଳା, ଓରବରସିଂହ, ମନ୍ଦାରବସ୍ତ, ଦେଶ ଶରଧାପୁର, ଗୋଳବାଇ ପ୍ରମୁଖ ଗ୍ରାମଗୁଡ଼ିକର ଗ୍ରାମବାସୀ ବନ୍ୟା ଆଶଙ୍କାରେ ଦିନ କାଟୁଛନ୍ତି। ଜିଲ୍ଲା ପ୍ରଶାସନ ମଧ୍ୟ ପ୍ରବଳ ବର୍ଷାକୁ ଆଶଙ୍କା କରି ମୁକାବିଲା ଲାଗି ପ୍ରସ୍ତୁତ ରହିଥିବା ସୂଚନା ମିଳିଛି।

ଗତ ୨୧ ତାରିଖରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲ୍ଲାପାଳ କରିଥିବାବେଳେ ବନ୍ୟା ଓ ବାତ୍ୟା ନିମନ୍ତେ ପ୍ରସ୍ତୁତ ରହିବାକୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରବଳ ବର୍ଷା ଆଶଙ୍କା ଥିବାରୁ ଜିଲ୍ଲାର ୫୧ଟି ବାତ୍ୟା ଆଶ୍ରୟସ୍ଥଳୀ କୁ ପ୍ରସ୍ତୁତ ରଖାଯାଇଥିବାବେଳେ ଆବଶ୍ୟକ ସ୍ଥଳେ ସମସ୍ତ ବ୍ଲକର ୩୭୯ ବିଦ୍ୟାଳୟରେ ଅସ୍ଥାୟୀ ବାତ୍ୟା ଆଶ୍ରୟସ୍ଥଳୀ ପାଇଁ ପ୍ରଶାସନ ବ୍ୟବସ୍ଥା କରିଛି। ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀ ନିମନ୍ତେ ଜଣେ ନୋଡାଲ ଅଫିସର ଦାୟିତ୍ୱରେ ରହିଛନ୍ତି। ସ୍ୱତନ୍ତ୍ର ରିଲିଫ କମିଶନଙ୍କ ପକ୍ଷରୁ ଜିଲ୍ଲାରେ ୮ଟି ପାୱାର ବୋଟ ପ୍ରସ୍ତୁତ ରଖାଯାଇଛି।

### ପ୍ରସ୍ତୁତ ରହିଛି ଜିଲ୍ଲା ପ୍ରଶାସନ

ସେହିପରି ଲୋକଙ୍କୁ ବିଶୁଦ୍ଧପାନୀୟ ଜଳ ଯୋଗାଣ ପାଇଁ ଜିଲ୍ଲାରେ ୧୭୨୬୪ ନଳକୂପ କାର୍ଯ୍ୟକ୍ଷମ ଥିବାବେଳେ ୫୨୪ ୱାଟର ଟ୍ୟାଙ୍କର ସମ୍ଭାବ୍ୟ ଅଞ୍ଚଳକୁ ପଠାଯିବା ନେଇ ଆରଡବ୍ଲ୍ୟୁଏସଏସ ଅଧିକାରୀ ପ୍ରସ୍ତୁତ ରହିଥିବା କୁହାଯାଇଛି। ବିଭିନ୍ନ ସ୍ଥାନରେ ମରାମତି ନିମନ୍ତେ ୭୦୭ଜଣ ମେକାନିକ ଏବଂ ୨୦ଟି ରିପାରିଂ ଗାଡି ଏଥିରେ ନିୟୋଜିତ ରହଛନ୍ତି। ସେହିପରି କୃଷି ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରାଣୀ ସ୍ୱାସ୍ଥ୍ୟ ବିଭାଗ ସଜାଗ ଥିବାବେଳେ ଏଥିସହିତ ଜିଲ୍ଲା ଆପାଦକାଳୀନ ଗୋଦାମଗୃହ ସମେତ ୧୦ତହସିଲରେ ମୋଟ ୨୭୮୩ ପ୍ୟାକେଟ ପଲିଥିନ ମହଜୁଦ ଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ବରିଷ୍ଠ ଦେୱାନୀ ବିଚାରପତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



**ବାଣପୁର, ୨୮।୬(ସମିସ):** ଦୀର୍ଘ ଅଢେଇ ବର୍ଷ ହେଲା ବାଣପୁର ବିଚାର ବିଭାଗୀୟ ଅଦାଲତରେ ବରିଷ୍ଠ ଦେୱାନୀ ବିଚାରପତି ଭାବେ କାର୍ଯ୍ୟରତ ମନୋରଞ୍ଜନ ମିଶ୍ରଙ୍କ ନିକଟରେ ଦେବଗଡ଼ ଜିଲ୍ଲାକୁ ବଦଳି ହୋଇଯାଇଛି। ତାଙ୍କୁ ବାଣପୁର ଓକିଲ ସଂଘ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଓକିଲ ସଂଘ କକ୍ଷ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟତମ ଅତିଥିଭାବେ ବାଣପୁର କୋର୍ଟ ଜେଏମଏଫସି ସ୍ୱାତକୀ ଦାସ ଓ ଫ୍ୟାମିଲି କୋର୍ଟ ବିଚାରପତି ରାଜେଶ କୁମାର ନାୟର ଯୋଗ ଦେଇ ବିଚାରପତି ଶ୍ରୀ ମିଶ୍ରଙ୍କ ସହ ବିତାଇଥିବା ଅନୁଭୂତି ପ୍ରକାଶ କରିଥିଲେ। ସଂଘ ସଭାପତି ବୃନ୍ଦାବନ ପ୍ରଧାନ, ଉପ ସଭାପତି ରାମଚନ୍ଦ୍ର ପଲେଇ, ସମ୍ପାଦକ ରଞ୍ଜନ କୁମାର ବେଦମଭା, ସହ ସମ୍ପାଦକ ନରେନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭ୍ୟ ସନ୍ତୋଷ ମହାପାତ୍ର, ଦେବବ୍ରତ ବଡ଼ଜେନା, ସୁପ୍ରଭା ସାମନ୍ତରାୟଙ୍କ ସମେତ ବହୁ ବରିଷ୍ଠ ଆଇନଜୀବୀ ଓ ଓକିଲ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବିଚାରପତି ଶ୍ରୀ ମିଶ୍ର ବାଣପୁରରେ ନିଜର କାର୍ଯ୍ୟକାଳ ସମୟର ଏକାଧିକ ସ୍ମୃତିକୁ ବଖାଣିବା ସହ ଓକିଲ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ସେମାନଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ।

## ଇଡ୍‌କୋ ଜମିଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ

# ବାତିଲ କରିବାକୁ ତହସିଲଦାରଙ୍କୁ ଦାବିପତ୍ର

**ବେଗୁନିଆ, ୨୮।୬(ସମିସ):** ବୋଲଗଡ଼ ତହସିଲ ଅଧିନ ଗେଡ଼ିଆପଲୀ, ପାଇକରାପୁର, ସାହାସପୁର ଓ ଗୌଡ଼ ନୂଆଗାଁ ମୌଜାର ଚାଷୀମାନେ ଏକତ୍ରିତ ହୋଇ ଇଡକୋ ଜମି ଅଧିଗ୍ରହଣ ପ୍ରକ୍ରିୟା ବାତିଲକୁ ନେଇ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ମୌଜାରେ କାଜୁ ଜଙ୍ଗଲ, ଗୋଚର ଓ ଚାଷ ଜମି ରହିଥିବାରୁ



ସ୍ଥାନୀୟ ଆଦିବାସୀ ଜୀବିକାନିର୍ବାହ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ଫଳରେ କାଜୁ ଗଛର ମଞ୍ଜି ଅର୍ଥକାରୀ ଫସଲ ହୋଇଥିବାରୁ ରୋଜଗାର କରିବା ପାଇଁ ଏକମାତ୍ର ମାଧ୍ୟମ ହୋଇଥିବା ସ୍ଥଳେ ସର୍ବସାଧାରଣଙ୍କ ଅଜ୍ଞାତରେ କିପରି ଲିଜ ସୂତ୍ରରେ ଦିଆଯିବାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ କରିଛି। ସ୍ଥାନୀୟ ଅଞ୍ଚଳରେ ପରିବେଶ ପ୍ରଦୂଷିତ ହେବାର ଯଥେଷ୍ଟ ସମ୍ଭାବନା ଥିବାରୁ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବାତିଲ କରିବା ପାଇଁ ତହସିଲଦାର ନିବେଦିତା ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ତିନି ଦିନ ମଧ୍ୟରେ ଅଭିଯୋଗକୁ ପ୍ରଶାସନିକସ୍ତରରେ ଗୁରୁତ୍ୱ ନଦେଲେ ତେବେ ମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳଙ୍କୁ ଅବଗତ କରିବା ସହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଅପରପକ୍ଷରେ ବୋଲଗଡ଼ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପିଆର ୪୯୪/୨୪ ରେ ଗତ ୧୩ ତାରିଖରେ ନୋଟିସ ବାହାରିବାର ୧୫ ଦିନ ମଧ୍ୟରେ ଆପତ୍ତି ଅଭିଯୋଗ କରିବା ପାଇଁ ଉଲ୍ଲେଖ ଥିବା ବେଳେ ନୋଟିସଟି ୨୬ ତାରିଖରେ ପହଞ୍ଚିବାରୁ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, ନାଏବ ସରପଞ୍ଚ ଲକ୍ଷ୍ମୀଧର ସ୍ୱାଇଁ କୃଷକନେତା ସୁରେଶ ଚନ୍ଦ୍ର ମାନସିଂହ, କାହ୍ନୁ ଚରଣ ବେହେରା ଶିଶିର ରଞ୍ଜନ ମହାପାତ୍ର ଓ ଭୋଳ ବେହେରାଙ୍କ ସମେତ ଚାଷୀମାନେ ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଛନ୍ତି।

## ଚିଲିକା ବ୍ଲକ୍ ସମୀକ୍ଷା ବୈଠକ

# ‘ସେବା ମନୋଭାବ ନେଇ ଦାୟିତ୍ୱ ନିର୍ବାହ କରନ୍ତୁ’

**ବାଲୁଗାଁ, ୨୮।୬(ସମିସ):** ଚିଲିକା ବିଧାୟକ ତଥା ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଙ୍କ ଅଧ୍ୟକ୍ଷତାରେ ଚିଲିକା ବ୍ଲକରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନ୍ତ୍ରୀ ଯୋଗ ଦେଇ ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି।




ସମୀକ୍ଷା ବୈଠକରେ ଚିଲିକା ବ୍ଲକ ଅଧ୍ୟକ୍ଷା ଜ୍ୟୋସ୍ନାମୟୀ ବେହେରା, ଉପାଧ୍ୟକ୍ଷ ଅରୁଣ କୁମାର ପଟ୍ଟନାୟକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବାଦଲ କୁମାର ମହାନ୍ତି, ଚିଲିକା ବିଡିଓ ହଳଧର ଶବର ଓ ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

ସାଧାରଣଲୋକଙ୍କୁ ଉପଯୁକ୍ତ ସେବା ପ୍ରଦାନ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଏବଂ ରାଜ୍ୟର ସାମଗ୍ରୀକ ବିକାଶ ପାଇଁ ପ୍ରସ୍ତୁତ ସମସ୍ତ ଯୋଜନା ଓ ସରକାରୀ ସୁବିଧା ବ୍ଲକସ୍ତରରୁ ପ୍ରତ୍ୟେକ ଲୋକ ଯେଭଳି ପାଇ ପାରିବେ, ସେଥିପାଇଁ ବ୍ଲକରେ କାର୍ଯ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ବେଶ୍ ଗୁରୁଦାୟିତ୍ୱ ରହିଛି। ଅଧିକାରୀ ଓ କର୍ମଚାରୀମାନେ ସେବା ମନୋଭାବ ନେଇ ଦାୟିତ୍ୱ ନିର୍ବାହ କରନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ସମସ୍ତ ବିକାଶମୂଳକ କାର୍ଯ୍ୟ, ଜନକଲ୍ୟାଣକାରୀ ଯୋଜନା, ବିଭିନ୍ନ ସରକାରୀ ଯୋଜନା ଓ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦେଇ ସାଧାରଣଲୋକଙ୍କ ମଙ୍ଗଳ ଉଦ୍ଦେଶ୍ୟରେ ନୂଆ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ ସମ୍ପର୍କରେ ପ୍ରସ୍ତାବ ଦେବା ପାଇଁ ମଧ୍ୟ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେବା ସହ ପ୍ରତି ୩ ମାସରେ ହେବାକୁ ଥିବା ସମୀକ୍ଷା ବୈଠକରେ କାର୍ଯ୍ୟକ୍ରମ ଏବଂ ଜାରି ରହିଥିବା ଯୋଜନାର ଅଗ୍ରଗତି ନେଇ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତତ୍ ସହିତ ବ୍ଲକ ଅନ୍ତର୍ଗତ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକୁ ଅଧିକ କ୍ରିୟାଶୀଳ କରିବା ପାଇଁ ବୈଠକରେ ସିଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ହୃଦ୍‌ରୋଗ ସମ୍ପର୍କିତ ଆଲୋଚନାଚକ୍ର



**ଖୋର୍ଦ୍ଧା, ୨୮।୬(ସମିସ):** ସ୍ଥାନୀୟ ନୟନ ପ୍ଲାଜା ହୋଟେଲ ସମ୍ମିଳନୀ କକ୍ଷରେ ଭୁବନେଶ୍ୱରସ୍ଥିତ ସନସାଇନ ହସ୍ପିଟାଲ ପକ୍ଷରୁ ହୃଦ୍‌ରୋଗ ସମ୍ବନ୍ଧୀୟ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ସନସାଇନ୍ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ଆଲୋକ ଲୋଧ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ହୃଦରୋଗ ବିଶେଷଜ୍ଞ ଡାକ୍ତର ରିତେଶ ଆଚାର୍ଯ୍ୟ ଏବଂ ହୃଦ୍‌ବକ୍ଷ ଶଲ୍ୟ ବିଶେଜ୍ଞ ଡାକ୍ତର ଶ୍ୱେତାଙ୍କ ଦାସ ହୃଦରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ହୃଦ ନିଶ୍ଚେତକ ବିଶେଷଜ୍ଞ ଏବଂ ସମ୍ପୂର୍ଣ୍ଣ ପ୍ରଶିକ୍ଷିତ ଟେକ୍ନିସିଆନ ଓ ଟ୍ରେନିଂ ପ୍ରାପ୍ତ ନର୍ସ ଓ ଷ୍ଟାଫଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି ବୋଲି ଡା. ଆଚାର୍ଯ୍ୟ କହିଥିଲେ। ଉନ୍ନତମାନର ଚିକିତ୍ସା ସେବା ହସ୍ପିଟାଲରେ ଉପଲବ୍ଧ ଅଛି। ଏପରିକି ବିଏସକେୱାଇ, ବିପିଏଲ. ଏବଂ ରେସନ କାର୍ଡ ହିତାଧିକାରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ପ୍ରତ୍ୟେକ ସାମ୍ବାଦିକଙ୍କୁ ବିନା ଫିସ୍ ବା ଅର୍ଥରେ ମାଗଣା ଡାକ୍ତର ପରାମର୍ଶ ସହିତ ବର୍ଷକୁ ଥରେ ସମସ୍ତ ପରୀକ୍ଷା ମାଗଣା କରାଯିବ ବୋଲି ଡା. ଆଚାର୍ଯ୍ୟ କହିଥିଲେ। ସନସାଇନ ହସ୍ପିଟାଲର ଡିଜିଏମ ସନ୍ଦୀପ ପୃଷ୍ଟି, ପିଆରଓ. ଅକ୍ଷୟ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଆଲୋଚନାଚକ୍ରରେ ସୁମିତ ମଙ୍ଗରାଜ ଏବଂ ଦେବାଶିଷ ମିଶ୍ର ସଂଯୋଜନା କରିଥିଲେ।

# କବି ଆର୍ତ୍ତତ୍ରାଣଙ୍କୁ ଭାରତ ପ୍ରତିଭା ସମ୍ମାନ

**ନିରାକାରପୁର, ୨୮।୬(ସମିସ):** ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଲଳିତ କବି ଡ ଆର୍ତ୍ତତ୍ରାଣ ସାହୁଙ୍କୁ ନୂଆଦିଲ୍ଲୀର ଭାରତ ମଣ୍ଡପରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଉଚ୍ଚତମ ନ୍ୟାୟାଳୟର ୩୭ତମ ପ୍ରଧାନ ବିଚାରପତି କେ.ଜି ବାଲକ୍ରିଷ୍ଣନ, ଉଚ୍ଚତମ ନ୍ୟାୟାଳୟ ବାର୍ କାଉନସିଲ ଉପସଭାପତି ପ୍ରଦୀପ ରାୟଜୀ, ପଦ୍ମଶ୍ରୀ କୁମାରୀ ଦେବଯାନୀ ଓ ପଦ୍ମଶ୍ରୀ ଡ ପ୍ରଫେସର କମଳ କୁମାର ତ୍ରିପାଠୀଙ୍କ ଉପସ୍ଥିତିରେ କବି ଆର୍ତ୍ତତ୍ରାଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହା ପୂର୍ବରୁ ଜୁନ ୮ ତାରିଖରେ ମେଜିକ୍ ବୁକ୍ ଅଫ୍ ରେକର୍ଡ ତରଫରୁ ଓଡ଼ିଆ ସାହିତ୍ୟରେ ଦଶ ଖଣ୍ଡ ପୁସ୍ତକ ରଚନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସେ ଦଶ ଖଣ୍ଡ ପୁରାଣ ସାହିତ୍ୟ ପୁସ୍ତକ ରଚନା କରି ଏଭଳି ସମ୍ମାନର ଅଧିକାରୀ ହେବା ସହିତ ନିରାକାରପୁର ଅଞ୍ଚଳ ପାଇଁ ଗୌରବମୟ ଅଧ୍ୟାୟ ସୃଷ୍ଟି କରିଥିବାରୁ ଅଞ୍ଚଳବାସୀଙ୍କ ତରଫରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।




## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସୂତି ୱାର୍ଡ ଛାତରୁ ଖସିଲା ସିଲିଂ

# ପ୍ରସୂତି ମହିଳା ଆହତ, ଅଳ୍ପକେ ବର୍ତ୍ତିଲା ନବଜାତକ





**ଜଟଣୀ, ୨୮।୬(ସମିସ)**

ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପୌରାଞ୍ଚଳ ଓ ବ୍ଲକ ଅଞ୍ଚଳର ଶହଶହ ରୋଗୀ ନିର୍ଭରଶୀଳ କରନ୍ତି। ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ଏଠାରେ ଚିକିତ୍ସିତ ହେଉଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଆର୍ ଆଣ୍ଡ ବି ବିଭାଗ ପକ୍ଷରୁ ପାଖାପାଖି ଦେଢ଼ ବର୍ଷ ହେଲା ପ୍ରକଳ୍ପ କାମ ଚାଲିଛି। ଅଧିକାଂଶ କାମ ସରିଥିବା ବେଳେ ଆଉ କିଛି ବାକି ରହିଛି। ଏହାରି ମଧ୍ୟରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ହସ୍ପିଟାଲ୍ ପରିସରରେ ଦେଖିବାକୁ ମିଳିଛି। ନିମ୍ନମାନର କାମ ପାଇଁ ହସ୍ପିଟାଲ୍‌ର ପ୍ରସୂତ ବିଭାଗ ୱାର୍ଡରେ ନୂତନ କରି ହୋଇଥିବା ଛାତ ସିଲିଂ ଖସି ଜଣେ ମହିଳା ଆହତ ହୋଇଥିବା ବେଳେ ନବଜାତକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଘଟଣାକୁ ନେଇ ହସ୍ପିଟାଲ୍ ପରିସରରେ ଉତ୍ତେଜନା ଦେଖାଦେଇଛି। ଅନ୍ୟପଟେ ଆର୍‌ଆଣ୍ଡବି ବିଭାଗ ପକ୍ଷରୁ ପ୍ରକଳ୍ପ କାମର ତଦାରଖ ହେଉନଥିବା ବେଳେ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ଏଭଳି ଘଟିବା ପରେ ହସ୍ପିଟାଲ୍‌କୁ ଆସୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଭୟଭୀତ ଅବସ୍ଥାରେ ଅଛନ୍ତି। ନୂତନ କରି ସିଲିଂ କାମ ହୋଇଥିବା ବେଳେ ହଠାତ୍ ସିଲିଂ ଖସି ପଡ଼ିବା ଘଟଣାକୁ ସହଜରେ ଗ୍ରହଣ କରିପାରୁ ନାହାଁନ୍ତି ଅଞ୍ଚଳବାସୀ। ସମ୍ପୃକ୍ତ ବିଭାଗ, ଠିକା ସଂସ୍ଥା ଓ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏନେଇ ରୋଗୀଙ୍କ ସମ୍ପର୍କୀୟ ବସନ୍ତ ସାହୁ କହିଛନ୍ତି ଯେ, ଆଜି ସକାଳେ ପ୍ରସୂତି ୱାର୍ଡ ଛାତରୁ ବେଡ୍ ଉପରେ ହଠାତ୍ ସିଲିଂ ଖସି ପଡ଼ିଥିଲା। ମହିଳା ଓ ଶିଶୁ ଉପରୁ ପ୍ଲେଟ୍‌କୁ ଉଠାଇ ଦେଇଥିଲୁ। ଫଳରେ ଅଳ୍ପକେ ଉଭୟ ବର୍ତ୍ତି ଯାଇଥିଲେ। ହସ୍ପିଟାଲ୍ ସୁପରିଟେଣ୍ଡେଣ୍ଟ ଜିତେନ୍ଦ୍ର ପଣ୍ଡା କହିଛନ୍ତି ଯେ, ଆଜି ସିଲିଂରୁ ସାମାନ୍ୟ ଦୁଇଟି କାର୍ଡବୋର୍ଡ ତଳକୁ ଖସି ପଡ଼ିଥିଲା, ଆଉ ଦୁଇଟି ଲାଗିକି ରହିଥିଲା। କାହାର କିଛି ସେଭଳି କ୍ଷତି ହୋଇନାହିଁ। ସ୍ଥିତି ଯାଞ୍ଚ କରାଯାଉଛି। ମୁଁ ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଇ ଦେଇଛି।

## ଟାଙ୍ଗୀ-ଚାନ୍ଦପୁର ପୁରୁଣା ଜାତୀୟ ରାଜପଥ

# ରାସ୍ତା ସମ୍ପ୍ରସାରଣ ନାମରେ ଗଛକଟାକୁ ବିରୋଧ

**ଟାଙ୍ଗୀ, ୨୮।୬(ସମିସ):** ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ- ଚାନ୍ଦପୁର ପୁରୁଣା ଜାତୀୟ ରାଜପଥକୁ ସମ୍ପ୍ରସାରଣ କରାଯାଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଶହ ଶହ ବର୍ଷର ପୁରୁଣା ଗଛ ଗୁଡିକ କାଟି ଦିଆଯାଉଥିବାରୁ ବୁଦ୍ଧିଜୀବୀ ଓ ସାଧାରଣଲୋକ ଗଛକଟାକୁ ବିରୋଧ କରି ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଥାଉକି ଆଜି ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକର ରାଜ୍ୟପରିଷଦର ରାଜସ୍ୱ ମହାସଚିବ ରାଜେନ୍ଦ୍ର ମଲ୍ଲିକ, ରାଜ୍ୟ ଯୁଗ୍ମ ସଚିବ ଦେବାଶିଷ ଦାସମହାପାତ୍ର ଓ ଖୋର୍ଦ୍ଧା ଜିଲ୍ଲା ବୋର୍ଡର ସଭାପତି ଏମଡି ଅଲତାଫ ମହମ୍ମଦ ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରଣାଙ୍କୁ ଦାବିପତ୍ର ଦେଇଥିବା ଜଣାପଡ଼ିଛି। ଅସହ୍ୟ ଗ୍ରୀଷ୍ମ ଗୁଳୁଗୁଳି ସମୟରେ ୭୦ ବର୍ଷରୁ ଊର୍ଦ୍ଧ୍ୱ ବରଗଛ ଓ ଆମ୍ବ ଗଛ କାଟିବା ଦ୍ୱାରା ପରିବେଶ ପ୍ରଦୂଷଣ ଓ ଜଳବାୟୁ ନିୟନ୍ତ୍ରଣ ଉପରେ ପ୍ରଭାବ ପକାଇବ। ଏନେଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ଜଙ୍ଗଲ ଆଇନ ଧାରା ୧୯୮୬ ସେକ୍ସନ ୩ ଅନୁସାରେ ନୂତନ ଗଛ ଲଗାଯାଇ ପୁରୁଣା ଗଛ କାଟିବା ଦରକାର ଯେଉଁଥିରେ ପରିବେଶ ସୁରକ୍ଷା ସହ ପ୍ରଦୂଷଣକୁ ରୋକାଯାଇପାରିବ। ଜିଲ୍ଲାପାଳ ଉକ୍ତ ଘଟଣାକୁ ଅନୁଧ୍ୟାନ କରି ଉଚିତ୍ ପଦକ୍ଷେପ ନେବେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।



